୬ ରୋହିତଙ୍କ ପରେ ଟେଷ୍ଟ କ୍ରିକେଟ୍‌କୁ ବାଏ ବାଏ କରିପାରନ୍ତି ବିରାଟ କୋହଲି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୦୨ ● ୧୧ ମଇ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-102 ● 11th May 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଭାରତ ଆଗରେ ମୁଣ୍ଡ ନୁଆଇଁଲା ପାକିସ୍ତାନ

# ଅସ୍ତ୍ର ବିରତି ପାଇଁ ଦୁଇଦେଶ ମଧ୍ୟରେ ସହମତି




**ନୂଆଦିଲ୍ଲୀ, ୧୦/୫**

ଭାରତର ପ୍ରଚଣ୍ଡ ଆକ୍ରମଣରେ ପାକିସ୍ତାନ ମୁଣ୍ଡ ନୁଆଇଁବାକୁ ବାଧ ହୋଇଛି। ଅସ୍ତ୍ରବିରତି ପାଇଁ ଭାରତ-ପାକିସ୍ତାନ ମଧ୍ୟରେ ସହମତି ପ୍ରକାଶ ପାଇଛି। ବୈଦେଶିକ ବ୍ୟାପର ସଚିବ ବିକ୍ରମ ମିଶ୍ରି ଏହି ସୂଚନା ଦେଇଛନ୍ତି। ଶନିବାର ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ପାଇଁ ଭାରତ ସହମତି ପ୍ରକାଶ କରିଛି। ଜଳ, ସ୍ଥଳ ଓ ଆକାଶ ପଥରେ ଆକ୍ରମଣ ନ କରିବାକୁ ସହମତି ପ୍ରକାଶ କରାଯାଇଛି। ଉଭୟ ଦେଶ ସହମତି ପ୍ରକାଶ କରିଛନ୍ତି ବୋଲି ବିକ୍ରମ ମିଶ୍ରି କହିଛନ୍ତି। ଦୁଇ ଦେଶର ଡିଜିଏମଓ ସ୍ତରୀୟ କଥାବାର୍ତ୍ତା ପରେ ସହମତି ପ୍ରକାଶ ପାଇଛି। ଶନିବାର ଅପରାହ୍ନ ୩.୪୫ରେ ଡିଜିଏମଓ ସ୍ତରୀୟ କଥାବାର୍ତ୍ତା ହୋଇଥିଲା। ୩ ବାହିନୀକୁ ଉଭୟ ଦେଶ ପକ୍ଷରୁ ସହମତି କଥା ଜଣାଇ ଦିଆଯାଇଛି। ଆସନ୍ତା ୧୨ ତାରିଖ ମଧ୍ୟାହ୍ନ ୧୨ଟାରେ ପୁଣି ଡିଜିଏମଓ ସ୍ତରୀୟ ଆଲୋଚନା ହେବ। ଏହାପରେ ଚୂଡ଼ାନ୍ତ ପଦକ୍ଷେପ ନିଆଯିବ ବୋଲି ବୈଦେଶିକ ସଚିବ ପ୍ରକାଶ କରିଛନ୍ତି।

ଅସ୍ତ୍ରବିରତି ପାଇଁ ଭାରତ-ପାକିସ୍ତାନ ରାଜି ହୋଇଛନ୍ତି ବୋଲି ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ସୂଚନା ଦେଇଛନ୍ତି। ଭାରତ-ପାକିସ୍ତାନ ଅସ୍ତ୍ରବିରତି ସହମତି କଥା କହିଲେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟ୍ୱିଟ୍ କରି ସୂଚନା ଦେଇଛନ୍ତି।

ଆମେରିକା ରାଷ୍ଟ୍ରପତି ତାଙ୍କ ଟ୍ୱିଟରେ ଲେଖିଛନ୍ତି ଯେ ଆମେରିକା ମଧ୍ୟସ୍ଥତାରେ ଦୀର୍ଘ ସମୟର ଆଲୋଚନା ପରେ ମୁଁ ଖୁସିର ସହିତ ଘୋଷଣା କରୁଛି ଯେ ଭାରତ ଏବଂ ପାକିସ୍ତାନ ଏକ ସମ୍ପୂର୍ଣ୍ଣ ଏବଂ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଛନ୍ତି। ଏ ସଂକ୍ରାନ୍ତରେ ଭାରତ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଶନିବାର ଭାରତ ସରକାରଙ୍କ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଭାରତ-ପାକିସ୍ତାନ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ ପାଇଥିବା ସୂଚନା ଦେଇଛନ୍ତି। ଶନିବାର ଅପରାହ୍ନ ୩.୧୫ ମିନିଟରେ ପାକିସ୍ତାନର ସାମରିକ ପରିଚାଳନା ମହାନିର୍ଦ୍ଦେଶକ (ଡିଜିଏମ୍‌ଓ) ପ୍ରଥମେ ଭାରତ ପ୍ରତିପକ୍ଷଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ, ଭାରତ ପକ୍ଷରୁ ହୋଇଥିବା ଆକ୍ରମଣରେ ପାକିସ୍ତାନର ବ୍ୟାପକ କ୍ଷୟକ୍ଷତି ହେବା ପରେ ଆଉ ଆକ୍ରମଣ ନ କରିବାକୁ ପାକିସ୍ତାନ ଡିଜିଏମଓ ଭାରତର ଡିଜିଏମଓଙ୍କୁ (ପୃଷ୍ଠା ୭ରେ)



ବିଶ୍ୱ ମାତୃ ଦିବସ ଅବସରରେ ମାତୃ ସ୍ନେହର ନିଦର୍ଶନ। (ଫଟୋ : ସମ୍ବାଦ କଳିକା)

## ସହିଦ୍ ସୈନିକଙ୍କ ପରିବାରକୁ ୧ କୋଟି ସହାୟତା ଦେବେ ହରିୟାଣା ସରକାର

**ଚଣ୍ଡୀଗଡ଼, ୧୦/୦୫**

ହରିୟାଣା ସରକାର ସହିଦ୍ ସୈନିକଙ୍କ ପରିବାରକୁ ମିଳିବାକୁ ଥିବା ଆର୍ଥିକ ସହାୟତାକୁ ଦୁଇଗୁଣା ବୃଦ୍ଧି କରିଛନ୍ତି । ଏବେ ସେନା ଓ ଅର୍ଦ୍ଧସୈନିକ ବଳର ଯବାନ ଏବଂ ଅଧିକାରୀ ସହିଦ୍ ହେଲେ ସେମାନଙ୍କର ପରିବାରକୁ ୧ କୋଟି ଟଙ୍କା ଦିଆଯିବ । ଏପର୍ଯ୍ୟନ୍ତ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସରକାର ଦେଉଥିଲେ । ହରିୟାଣା ମୂଳ ବାସିନ୍ଦା ସମସ୍ତ ଯବାନଙ୍କ ପରିବାରକୁ ଏହି ରାଶି ଦିଆଯିବ । ସେ ଦେଶର ଯେଉଁଠି ବି ରହିଥାଆନ୍ତୁ ନା କାହିଁକି ।

ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ଅଧ୍ୟକ୍ଷତାରେ ୨୦୨୪ ଡିସେମ୍ବର ୨୪ ତାରିଖରେ ଅନୁଷ୍ଠିତ ହୋଇଥିବା ମନ୍ତ୍ରୀମଣ୍ଡଳର ବୈଠକରେ ସହିଦ୍ ସୈନିକଙ୍କ ଅନୁକମ୍ପା ରାଶି ଦୁଇଗୁଣା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଯାହାକୁକି ଏବେ ଲାଗୁ କରାଯାଇଛି । ସୈନିକ ଏବଂ ଅର୍ଦ୍ଧସୈନିକ କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଜୟେନ୍ଦ୍ର କୁମାର ଏ ସମ୍ବନ୍ଧରେ ଅଧିସୂଚନା ଜାରି କରିଛନ୍ତି । ଯାହାପରେ ଏହି ନିଷ୍ପତ୍ତି ଲାଗୁ ହୋଇଛି ।

## ଅସ୍ତ୍ରବିରତି ନେଇ ସହମତିର ଘୋର ଉଲ୍ଲଂଘନ କରିଛି ପାକିସ୍ତାନ

**ନୂଆଦିଲ୍ଲୀ, ୧୦/୫**

ଶନିବାର ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତି ହୋଇଥିବାର ଘୋଷଣା ପରେ ବି ପାକିସ୍ତାନପଟୁ ଏହାର ଘୋର ଉଲ୍ଲଂଘନ କରାଯାଇଛି। ଶନିବାର ରାତିରେ ପାକିସ୍ତାନ ସେନା ଭାରତର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଗୁଳିବର୍ଷଣ ଜାରି ରଖିବା ସହ ଡ୍ରୋନ୍ ଓ ମିଜାଇଲ ଦ୍ୱାରା ଆକ୍ରମଣ ଚଳାଇଥିବାର ସୂଚନା ମିଳିଛି। ତେବେ ଭାରତୀୟ ସେନା ପକ୍ଷରୁ ଏହାର କଡା ଜବାବ ଦିଆଯାଇଛି ଏବଂ ପାକ୍‌ର ଆକ୍ରମଣକୁ ପଣ୍ଡ କରାଯାଇଛି। ପାକିସ୍ତାନର ଘୋର ଅସ୍ତ୍ରବିରତି ଉଲ୍ଲଂଘନ ନେଇ ସୂଚନା ଦେଇଛନ୍ତି ବୈଦେଶିକ ସଚିବ ବିକ୍ରମ ମିଶ୍ରି।

## ୨୭ରେ କେରଳ ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୧୦/୫**
**ନ୍ୟୁଜ ବ୍ୟୁରୋ**

ଦେଶ ତଥା ରାଜ୍ୟବାସୀଙ୍କ ପାଇଁ ଆଶ୍ୱସ୍ତିକର ସୂଚନା। ଏଥର ସଅଳ ମୌସୁମୀ ଆସିବାର ରହିଛି ସମ୍ଭାବନା। ଚଳିତ ବର୍ଷ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ଦେଶକୁ ଶୀଘ୍ର ଛୁଇଁବ। ଜୁନ୍ ୧ ତାରିଖ ସାଧାରଣ ଆରମ୍ଭ ତାରିଖ ଅପେକ୍ଷା ୫ ଦିନ ପୂର୍ବରୁ ଅର୍ଥାତ୍ ମେ' ୨୭ରେ ପ୍ରବେଶ କରିବାର ସମ୍ଭାବନା ରହିଛି । ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ସୂଚନା ମିଳିଛି । ମଡେଲ୍ ଜନିତ ତ୍ରୁଟି ପାଇଁ ୪ ଦିନ ଆଗପଛ ହୋଇ ପାରେ ବୋଲି କୁହାଯାଇଛି ।

ଖରିଫ ଋତୁର ଫସଲ ଉତ୍ପାଦନ ପାଇଁ ମୌସୁମୀର ସମୟସୀମା ଆରମ୍ଭ ଏବଂ ଅଗ୍ରଗତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ ବର୍ଷ ମୌସୁମୀ ମେ' ୩୦ ତାରିଖରେ ପହଞ୍ଚିଥିଲା।

ଭାରତୀୟ (ପୃଷ୍ଠା ୭ରେ)

## ଭାରତ-ପାକିସ୍ତାନ ଯୁଦ୍ଧ ସ୍ଥିତି ନେଇ ଓଡିଶା ସରକାରଙ୍କ ପ୍ରସ୍ତୁତି

# ଆରଡିସି, ଜିଲ୍ଲାପାଳ ଓ ଆଇପିଏସ୍‌ଙ୍କ ଛୁଟି ବାତିଲ



**ଭୁବନେଶ୍ୱର, ୧୦/୫**
**ନ୍ୟୁଜ ବ୍ୟୁରୋ**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ଲାଗି ରହିଥିବା ପରିପ୍ରେକ୍ଷୀରେ ରାଜ୍ୟ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳ ସ୍ୱରୂପ ସମସ୍ତ ଆରଡିସି ଓ ଜିଲ୍ଲାପାଳଙ୍କ ଛୁଟି ବାତିଲ କରିଦିଆଯାଇଛି। ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ଚିଠି ଲେଖି ଜଣାଇଛନ୍ତି । ସେହିପରି ଆଇପିଏସ ଅଧିକାରୀମାନଙ୍କ ଛୁଟି ବାତିଲ କରାଯାଇଥିବା ନେଇ ଗୃହ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଜମ୍ମୁ କଶ୍ମୀର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ଉପୁଜିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ଆରଡିସି ଓ ଜିଲ୍ଲାପାଳଙ୍କ ଛୁଟି ବାତିଲ କରିଛନ୍ତି । ଯେଉଁ ଅଧିକାରୀମାନେ ଏବେ ଛୁଟିରେ ଅଛନ୍ତି, ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଂପ୍ରତିକ ପରିସ୍ଥିତିରେ ସେମାନଙ୍କୁ ଆଉ ଛୁଟି ଦିଆଯିବ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୌଣସି ସରକାରୀ ଅଫିସରଙ୍କୁ ହେଡକ୍ୱାର୍ଟର ଛାଡ଼ିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଚିଠିରେ କୁହାଯାଇଛି ।

ରାଜ୍ୟର ସମସ୍ତ ଆଇପିଏସ ଅଧିକାରୀଙ୍କର ମଧ୍ୟ ଛୁଟି ବାତିଲ କରାଯାଇଛି । ସମସ୍ତ ଆଇପିଏସ ଅଧିକାରୀଙ୍କ ଛୁଟି ବାତିଲ ନେଇ ଗୃହ ବିଭାଗ ପକ୍ଷରୁ ପୋଲିସ ଡିଜିଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଦେଶରେ ଯୁଦ୍ଧଭଳି ପରିସ୍ଥିତି ଉପୁଜି ଥିବାରୁ କୌଣସି ଆଇପିଏସ ଅଧିକାରୀଙ୍କୁ ଛୁଟି, ଟ୍ରେନିଂ ପାଇଁ ଛୁଟି, ଏଲଟିସି ଦିଆଯିବ ନାହିଁ । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ । କୌଣସି ଆଇପିଏସ ଅଧିକାରୀ ପୋଲିସ ଡିଜି କିମ୍ବା ସ୍ୱତନ୍ତ୍ର ପୋଲିସ ଡିଜିଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡି ପାରିବେ ନାହିଁ । ସେହିପରି ରାଜ୍ୟର ସମସ୍ତ ଜରୁରୀ କାଳୀନ ସେବା ସହ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଛୁଟିରେ ଥିବା ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବା ଲାଗି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଅନୁରୂପ ଭାବେ (ପୃଷ୍ଠା ୭ରେ)

## ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ନେଇ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ୧୦/୦୫**
**ନ୍ୟୁଜ ବ୍ୟୁରୋ**



ଡିଜି କ୍ୟାମ୍ପ ଅଫିସରେ ଶନିବାର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଷ୍ଟାଲ ସିକ୍ୟୁରିଟିକୁ ନେଇ ଡିଜି ୱାଇବି ଖୁରାନିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋଷ୍ଟାଲ ସିକ୍ୟୁରିଟି ଏଡିଜି ଅରୁଣ ବୋଥ୍ରା, ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଟ୍ୱିନସିଟି ପୋଲିସ କମିଶନର ଏସ ଦେବଦତ୍ତ ସିଂ ଉପସ୍ଥିତ ଥିଲେ। ବିଶେଷ କରି ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦେବା ବାବଦରେ ଆଲୋଚନା ହୋଇଥିଲା। ତଟ ସୁରକ୍ଷା ପାଇଁ ସିକ୍ୟୁରିଟି ସିଷ୍ଟମକୁ କଡାକଡି କରାଯାଇଛି । କୋଷ୍ଟ ଗାର୍ଡଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି ।

ସେହିପରି ବୈଠକରେ ସାମରିକ ପ୍ରତିଷ୍ଠାନର ସୁରକ୍ଷାର ସମୀକ୍ଷା କରାଯାଇଛି । ସେହିସବୁ ସ୍ଥାନରେ ସୁରକ୍ଷାକୁ ଦ୍ୱିଗୁଣିତ କରାଯାଇଛି ବୋଲି ଆଇନ ଶୃଙ୍ଖଳା ଏଡିଜି ସଂଜୟ କୁମାର କହିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ଭିତରେ ଥିବା ବଡ ବଡ ଡ୍ୟାମ ଓ ସୁରକ୍ଷା ପ୍ରତିଷ୍ଠାନର ସୁରକ୍ଷା ବୃଦ୍ଧି କରାଯାଇଛି । କେନ୍ଦ୍ରିୟ ଏଜେନ୍ସି ଓ ଅନ୍ୟାନ୍ୟ ଏଜେନ୍ସି ସହ ଯୋଗାଯୋଗରେ ଅଛୁ । ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାମନା କରିବାକୁ ପ୍ରସ୍ତୁତ ଅଛୁ । ଓଡିଶା ଏଣ୍ଟ୍ରାନ୍ସକୁ ହାଇ ଆଲର୍ଟରେ ରଖାଯାଇଛି । ୫୧୧ କିଲୋମିଟର ଉପକୂଳକୁ କଡା ସୁରକ୍ଷା ଭିତରେ ରଖାଯାଇଛି । ଡ୍ରୋନ ଆଟାକକୁ ପୁରା ନଜରରେ ରଖାଯାଇଛି । ଗୃହ ମନ୍ତ୍ରଣାଳୟର ଗାଇଡ୍ ଲାଇନ୍ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବଡ ବଡ଼ ଅନୁଷ୍ଠାନ ଉପରେ ଡ୍ରୋନ ନଜର ଆସିଲେ ତାକୁ ଖସାଇ ଦେବାର ନିର୍ଦ୍ଦେଶ ରହିଛି । ନିୟମ ଉଲ୍ଲଂଘନ କଲେ ତୁରନ୍ତ ଆକ୍ସନ ନେବାକୁ କୁହାଯାଇଛି । ଏହା ସହ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ (ପୃଷ୍ଠା ୭ରେ)

## ରାଜ୍ୟରେ ଖୁବ୍ ଶୀଘ୍ର ଆରମ୍ଭ ହେବ ମହିଳା ଫାଷ୍ଟଟ୍ରାକ୍ କୋର୍ଟ

**ଭୁବନେଶ୍ୱର, ୧୦/୫**
**ନ୍ୟୁଜ ବ୍ୟୁରୋ**

ମହିଳାଙ୍କ ଉପରେ ନିର୍ଯାତନା, ଅପରାଧ ଏବଂ ଘରୋଇ ହିଂସା ଜନିତ ମାମଲାଗୁଡ଼ିକର ତଦନ୍ତ କରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟରେ ଖୁବ୍ ଶୀଘ୍ର ୫ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଆରମ୍ଭ କରାଯିବ ବୋଲି ରାଜ୍ୟ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏହି ଫାଷ୍ଟଟ୍ରାକ୍ କୋର୍ଟ ଗୁଡ଼ିକ ଏକ ମାସ ମଧ୍ୟରେ ମାମଲାର ଶୁଣାଣି କରି ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍‌ନୋଲୋଜି ବିଭାଗ ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ଫରେନ୍‌ସିକ୍ ମେଡିସିନ୍‌ର ରାଜ୍ୟ ଶାଖା ପକ୍ଷରୁ ମିଳିତ ଭାବେ ଆୟୋଜିତ ମେଡିକୋ-ଲିଗାଲ ସୋସାଇଟି ଅଫ୍ ଓଡ଼ିଶାର ୪୩ତମ ବାର୍ଷିକ ସମ୍ମିଳନୀ "ଏମ୍‌ଇଏଲ୍‌ଇଏସ୍‌ଓସିଓଏନ୍ ୨୦୨୫" କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି।

ସେ କହିଥିଲେ ଯେ, ଅପରାଧର ତଦନ୍ତ, ଅପରାଧୀଙ୍କୁ ଦଣ୍ଡ ଏବଂ ନ୍ୟାୟ ପ୍ରଦାନ କରିବାରେ ଫରେନ୍‌ସିକ୍ ସାଇନ୍ସର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଥାନାଗୁଡ଼ିକରେ କର୍ତ୍ତବ୍ୟରତ ତଦନ୍ତକାରୀ ଅଫିସରମାନେ (ପୃଷ୍ଠା ୭ରେ)

## ଭାରତ ଏବଂ ପାକିସ୍ତାନ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ବୁଝାମଣା ହୋଇଛି

**ନୂଆଦିଲ୍ଲୀ, ୧୦/୫**

ଭାରତ-ପାକିସ୍ତାନ ଗୁଳିମାଡ଼ ବନ୍ଦ କରିବା ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଏକ ବୁଝାମଣା ହୋଇଛି ବୋଲି ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ପ୍ରକାଶ କରିଛନ୍ତି। ଶନିବାର ବୈଦେଶିକ ମନ୍ତ୍ରୀ ଶ୍ରୀ ଜୟଶଙ୍କର ସୋସିଆଲ ମିଡିଆରେ କହିଛନ୍ତି ଯେ, "ଭାରତ ନିରନ୍ତର ଭାବରେ ସମସ୍ତ ପ୍ରକାର ଏବଂ ପ୍ରକାଶ୍ୟରେ ଆତଙ୍କବାଦ ବିରୁଦ୍ଧରେ ଏକ ଦୃଢ଼ ଏବଂ ଆପୋଷ ମନୋଭାବ ବଜାୟ ରଖିଛି। ଏହା ଜାରି ରଖିବ" ବୋଲି ସେ କହିଛନ୍ତି।



ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ଅପରେସନ 'ସିନ୍ଦୂର' ଆରମ୍ଭ କରିଥିଲା । ପାକିସ୍ତାନ ଏବଂ ପାକ-ଅଧିକୃତ କଶ୍ମୀରରେ ୯ଟି ଆତଙ୍କବାଦୀ ଶିବିରକୁ ଭାରତ ଆକ୍ରମଣ କରି ଧ୍ୱଂସ କରିଦେଇଥିଲା। ଭାରତର ଏହି ଅତର୍କିତ ସାମରିକ କାର୍ଯ୍ୟାନୁଷ୍ଠାନ ପରଠାରୁ ପାକିସ୍ତାନ ବିଭିନ୍ନ ଭାରତୀୟ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ଭାରତ ଏହାର କଡ଼ା ଜବାବ ଦେଇଥିଲା ଏବଂ ପାକିସ୍ତାନର ସବୁ ଉଦ୍ୟମକୁ ବିଫଳ କରିଥିଲା ବୋଲି ଏସ.ଜୟଶଙ୍କର ପ୍ରକାଶ କରିଛନ୍ତି।

## ୮ ରାଜ୍ୟର ୪୨ ସ୍ଥାନରେ ସିବିଆଇ ଚଢଉ

**ନୂଆଦିଲ୍ଲୀ, ୧୦/୦୫**

ସାଇବର ଅପରାଧୀଙ୍କୁ ବେଆଇନ ଭାବରେ ସିମ୍ କାର୍ଡ ଯୋଗାଇବାରେ ସମ୍ପୃକ୍ତ ଏକ ଗ୍ୟାଙ୍ଗ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି କାର୍ଯ୍ୟାନୁଷ୍ଠାନ ଟ୍ରାନ୍ସନ୍ୟାସନାଲ୍ ସାଇବର କ୍ରାଇମ୍ ନେଟୱାର୍କ ଏବଂ 'ଡିଜିଟାଲ୍ ଗିରଫ' ଭଳି ଅପରାଧ ସହିତ ଜଡ଼ିତ। 'ଅପରେସନ୍ ଚକ୍ର-୫' ଅଧୀନରେ, ଶନିବାର ୮ଟି ରାଜ୍ୟରେ ବିସ୍ତାରିତ ଏହି ଅପରାଧୀଙ୍କ ୪୨ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ୫ ଜଣଙ୍କୁ ଗିରଫ କରାଯାଇଛି। ଆସାମ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, (ପୃଷ୍ଠା ୭ରେ)

## ଏକାଳ ପଖାଳ



ଭାରତ କେବେ ଚାହିଁନି ଚାହେଁନି
ହୋଇଯାଉ ବୋଲି ଯୁଦ୍ଧ
ତଥାପି ପାକ୍ ଆରମ୍ଭିଲା ଯେବେ
କରିବାକୁ ହେଲା ସାଧ
ହୋଇଛି ଅସ୍ତ୍ରବିରତି ମଧ
ବଦମାସୀ କଲେ ପାକ୍ ପୁଣି
ଭାଗ୍ୟେ ହେବା ତା'ର ଅଗ୍ନିମାନ୍ଦ୍ୟ।

## ଅଷ୍ଟମ ବେତନ କମିଶନ: ୨.୮୬ ଫିଟମେଣ୍ଟ ଫାକ୍ଟର ଲାଗୁ ହେବାପରେ ବି ବଢିବନି ଦରମା



**ନୂଆଦିଲ୍ଲୀ, ୧୦।୫**

ଭାରତ ସରକରଙ୍କ ପକ୍ଷରୁ ଅଷ୍ଟମ ବେତନ କମିଶନକୁ ମଞ୍ଜୁରୀ ଦିଆଯାଇଛି। ସେବେଠାରୁ କର୍ମଚାରୀଙ୍କ ଦରମାକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ହେଉଛି। ଚର୍ଚ୍ଚା ହେଉଛି ଯେ, ସେବେଠାରୁ କର୍ମଚାରୀଙ୍କ ଦରମାକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ହେଉଛି। କର୍ମଚାରୀଙ୍କ ଫିଟମେଣ୍ଟ ଫାକ୍ଟର ସହ ଜଡିତ ରହିଛି। କର୍ମଚାରୀ ସଂଗଠନ ୨.୮୬ ପର୍ଯ୍ୟନ୍ତ ଫିଟମେଣ୍ଟ ଫ୍ୟାକ୍ଟର କାର୍ଯ୍ୟକାରୀ କରିବାକୁ ଦାବି କରୁଛନ୍ତି। ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ କର୍ମଚାରୀଙ୍କ ସର୍ବନିମ୍ନ ଦରମା ୫୧,୪୮୦ ଟଙ୍କାକୁ ବୃଦ୍ଧି ପାଇପାରିବ ଏବଂ ପେନସନ ୨୫,୭୪୦ ଟଙ୍କାକୁ ବୃଦ୍ଧି ପାଇପାରିବ। ତଥାପି ଏଥିରେ ଅନେକ ଜଟିଳତା ଅଛି। କେବଳ ଅଧିକ ଫିଟମେଣ୍ଟ ଫ୍ୟାକ୍ଟର ଯୋଗୁଁ ଦରମା ବୃଦ୍ଧି ପାଏ ନାହିଁ।

ଫିଟମେଣ୍ଟ ଫ୍ୟାକ୍ଟର ହେଉଛି ଏକ ଗୁଣକ, ଯାହାକୁ ସରକାର କର୍ମଚାରୀଙ୍କ ଦରମା ବୃଦ୍ଧି କରିବା ପାଇଁ ବ୍ୟବହାର କରନ୍ତି। ସାଧାରଣତଃ ସର୍ବନିମ୍ନ ଦରମାକୁ ଫିଟମେଣ୍ଟ ଫ୍ୟାକ୍ଟର ସହିତ ଗୁଣନ କରି ମୂଳ ଦରମା ଗଣନା କରାଯାଏ। କିନ୍ତୁ ଏହି ବ୍ୟବସ୍ଥା ସମସ୍ତ ଦରମା ସ୍ତରରେ କାମ କରେ ନାହିଁ। ତଥାପି ଯଦି ଅଷ୍ଟମ ବେତନ କମିଶନରେ ଦାବି କରାଯାଇଥିବା ଫିଟମେଣ୍ଟ ଫ୍ୟାକ୍ଟର ବିଷୟରେ କୁହାଯିବ ତେବେ ଏହା ୨.୮୬ ହେବ। ଯଦି ସରକାର ଏହି (ପୃଷ୍ଠା ୭ରେ)







# ଅବହେଳିତ ଚାଞ୍ଚଡ଼ା ପଦର ଗାଁ : ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଅପହଞ୍ଚ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦୁର୍ଗମ ଅଞ୍ଚଳରେ ପହଞ୍ଚି ପାରିଲାନି ରାସ୍ତା କି ମାଆଙ୍କୁ ମିଳିପାରିଲାନି ସମ୍ମାନ। ଯଦ୍ଦ୍ୱାରା ବଦଳି ପାରିଲାନି ପାହାଡ଼ିଆ ଗାଁର ନକ୍ସା। ଆଜିବି ମୌଳିକ ସମସ୍ୟାର ସମାଧାନ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ବାଣ୍ଡିଗୁଡା ପଞ୍ଚାୟତ ଅନ୍ତର୍ଗତ ଚାଞ୍ଚଡା ପଦର ଗାଁର ଦୁର୍ଗମ ଅଞ୍ଚଳରେ ପହଞ୍ଚି ପାରିଲାନି ବିକାଶ। ନା ଏଠି ଖଣ୍ଡିଏ ରାସ୍ତାର ସୁବିଧା ଅଛି ନା ପାନୀୟ ଜଳର ସୁବିଧା ହୋଇଛି। ଜୀବନ ଜିଇବା ପାଇଁ କୌଣସି ଜୀବିକା ବି ନାହିଁ। ବାଧ୍ୟ ହୋଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେସବୁକୁ ଅନ୍ୟ ଗାଁରେ ବିକ୍ରି କରି ସେଥିରୁ ନିଜର ଗୁଜୁରାଣ ମେଣ୍ଟାନ୍ତି ଏମାନେ। କିଛି ଲୋକ ପାହାଡ଼ିଆ ପାଣିକୁ ଭରସା କରି ମାଣ୍ଡିଆ ସୁଆ ଓ ପନିପରିବା ଚାଷ କରି ସେଥିରୁ କିଛି କିଛି ରୋଜଗାର କରନ୍ତି। ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏହି ଦୁର୍ଗମ ଅଞ୍ଚଳରେ ଅପହଞ୍ଚ। ଏଭଳି ଗାଁ ହେଉଛି ବୋରିଗୁମ୍ମା ବ୍ଲକର ଚାଞ୍ଚଡ଼ା ପଦର ଗାଁ। ପଞ୍ଚାୟତ ସଦର ମହକୁମା ଠାରୁ ୮ କି.ମି. ଦୂରରେ ଅବସ୍ଥିତ ଏହି ଗାଁ। ଗାଁକୁ ଯିବାକୁ ହେଲେ ମାଳିଗୁଡା ଠାରୁ ୩ କିଲୋମିଟର ଘଞ୍ଚ ଜଙ୍ଗଲ ମଝିରେ ଅଙ୍କା ବଙ୍କା ସଂକୀର୍ଣ୍ଣ ରାସ୍ତା ଦେଇ ଗଲେ ପଡ଼େ ଏହି ଗାଁ। ସ୍ୱାଧୀନତାର ୭୭ ବର୍ଷ ପରେ ବି ଏଠି ବିକାଶ ତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ହୋଇପାରିନି। ଗାଁରେ ୫୦ ପରିବାର ୩୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ବସବାସ କରନ୍ତି। ଜଙ୍ଗଲ ମଧ୍ୟରେ ସଂକୀର୍ଣ୍ଣ ରାସ୍ତା ହିଁ ଏମାନଙ୍କ ଗମନାଗମନର ମାଧ୍ୟମ। ପ୍ରତି ମାସରେ ବୃଦ୍ଧ ବୃଦ୍ଧା ହିତାଧିକାରୀ ମାନେ ପଞ୍ଚାୟତରୁ ଚାଉଳ ଓ ବିଧବା ଭତ୍ତା ଟଙ୍କା ଧରି ବହୁ କଷ୍ଟରେ ଗାଁକୁ ଫେରନ୍ତି। ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ଲାଗିଥିବା ଟେଙ୍କ ଫାଟି ପଡ଼ିଛି। ଫଳରେ ପାଣି ପାଇଁ ମାଇଲ ମାଇଲ ବାଟ ଚାଲୁଛନ୍ତି ମହିଳାମାନେ। ବହୁ ବର୍ଷ ତଳର ଏକ ନଳକୂପ ରହିଛି, ହେଲେ ସେଥିରୁ ପାଣି ବାହାରୁନି। ଗାଁ ଲୋକଙ୍କ ତୃଷ୍ଣା ମେଣ୍ଟାଉ ଥିବା ଏକ ମାତ୍ର କୂଅ ଖରା ଦିନ ହେଲେ ଶୁଖି ଯାଉଛି। ଗାଁରେ କେବଳ ୧୨ଟି ପରିବାରଙ୍କୁ ହିଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି, ସେସବୁ ଘର ବି ଅଧାପନ୍ତରିଆ ହୋଇପଡ଼ିଛି। ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଅସିପାରୁନି। ଫଳରେ ଗର୍ଭବତୀ ମହିଳା ଓ ରୋଗୀଙ୍କୁ ୪ କି.ମି. ପାହାଡ଼ିଆ ରାସ୍ତାରେ କାନ୍ଧରେ ବୋହି ମାଳିଗୁଡା ପର୍ଯ୍ୟନ୍ତ ଆଣିଲେ ସେଠାରୁ ଆମ୍ବୁଲାନ୍ସରେ ମେଡ଼ିକାଲ ଯାଆନ୍ତି। ସରକାରୀ ସ୍ତରରେ କାମ ନପାଇ ଜଙ୍ଗଲଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରନ୍ତି ଏମାନେ। ଗାଁକୁ ରାସ୍ତା ସଂଯୋଗ କରିବା ସହିତ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

ଚାଞ୍ଚଡ଼ା ପଦର ଗାଁକୁ ରାସ୍ତା ସଂଯୋଗ ହୋଇ ନଥିବାରୁ ଏଠି ସରକାରୀ ଯୋଜନା ପହଞ୍ଚି ପାରୁନି। ଅନେକ ଗରିବ ଆଦିବାସୀ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇପାରୁ ନାହାନ୍ତି। ବର୍ଷ ବର୍ଷ ଧରି କୌଣସି ସରକାରୀ ବାବୁଙ୍କର ପାଦ ପଡୁନି ଏହି ଗାଁରେ। ଏସବୁ ସମସ୍ୟାକୁ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗାଁକୁ ରାସ୍ତା ସଂଯୋଗ ଏବଂ ପାଣିର ସୁବିଧା କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ଗାଁ ଲୋକେ।

# ବ୍ରହ୍ମପୁର ଭେଟନାରୀ ହସ୍ପିଟାଲରେ ଅବ୍ୟବସ୍ଥା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ସହରରେ ଥିବା ଭେଟନାରୀ ହସପିଟାଲରେ ବହୁ ଅବ୍ୟବସ୍ଥା ଦେଖାଦେଇଛି । ଲୋକମାନେ ସେମାନଙ୍କ ପୋଷା ଜୀବଜନ୍ତୁଙ୍କୁ ଚିକିତ୍ସା କରିବାକୁ ନେବାକୁ ଭୟ କରୁଛନ୍ତି। ଡାକ୍ତର ଓ କର୍ମଚାରୀମାନେ ପଶୁପାଳକମାନଙ୍କ ଠାରୁ ବିଭିନ୍ନ ବାଟରେ ଶୋଷଣ କରୁଛନ୍ତି। ହସ୍‌ପିଟାଲ ପକ୍ଷରୁ ରୁଗ୍ଣ ଗୃହ ପାଳିତ ଜୀବଜନ୍ତୁଙ୍କୁ ଔଷଧ ଦିଆଯାଉନି। ଔଷଧ ଦୋକାନରୁ ହଜାର ହଜାର ଟଙ୍କାର ଔଷଧ କିଣିବାକୁ ଲେଖୁଛନ୍ତି, ଏଥିପାଇଁ ଡାକ୍ତର ଓ କର୍ମଚାରୀମାନେ ପ୍ରଚୁର ପରିମାଣର କମିଶନ ଔଷଧ ଦୋକାନ ଠାରୁ ପାଉଥିବା ଜଣାପଡିଛି। ଅନେକ ଗରିବ ଲୋକ ଦାମୀ ଔଷଧ କିଣି ନ ପାରିବା ଫଳରେ ସେମାନଙ୍କ ପୋଷା ଜୀବଜନ୍ତୁମାନେ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ପୋଷା ଜୀବଜନ୍ତୁ ମାନଙ୍କୁ ଲୋକେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଲେ ସେମାନଙ୍କ ଠାରୁ ପ୍ରତ୍ୟେକ ଦିନ କୋଡିଏ ଟଙ୍କା ରେଜିଷ୍ଟ୍ରେସନ ଫିସ୍ ଆଦାୟ କରାଯାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହା ସରକାରୀ ଡାକ୍ତରଖାନା ନା ଘରୋଇ ଡାକ୍ତରଖାନା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଓଡ଼ିଶା ସରକାରଙ୍କ ପ୍ରାଣୀଧନ ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# କୂଅରେ ପଡ଼ି ୨ ବର୍ଷର ଶିଶୁ ମୃତ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

କୂଅରେ ପଡ଼ି ୨ ବର୍ଷୀୟ ଶିଶୁର ମୃତ୍ୟୁ ଘଟିଛି। ଏମିତି ଏକ ଦୁଃଖଦ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଅନ୍ତର୍ଗତ ଚିକ୍‌ଟାମାଲ ଗ୍ରାମରେ। ମୃତ ଶିଶୁ ଜଣକ ହେଲେ ଗ୍ରାମର ଅନ୍ତର୍ଯ୍ୟାମୀ ପୋଡ଼ଙ୍କ ଦୁଇ ବର୍ଷର ଶିଶୁ ପ୍ରିୟାଂଶୁ ପୋଡ଼। ସୂଚନା ଯୋଗ୍ୟ ଯେ, ପ୍ରିୟାଂଶୁ ଖେଳିବାକୁ ଯାଇଥିବା ବେଳେ ନିକଟରେ ଥିବା କୂଅରେ ପଡ଼ିଯାଇଥିଲେ। କିଛି ସମୟ ଧରି ସେ ଘରକୁ ନଫେରିବାରୁ ଘର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ନିକଟସ୍ଥ କୂଅରେ ପଡ଼ିଯାଇଥିବା ଜାଣିବାକୁ ପାଇଥିଲେ। ପରିବାର ଲୋକେ ଶିଶୁକୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲେ । ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡ଼ିଏର ବେଖାତିର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛନ୍ତି ଖୋଦ୍ ସରକାରୀ ସଂସ୍ଥା। ସବୁ ଜାଣି ଚୁପ୍ ବସିଛି ପ୍ରଶାସନ। ପ୍ରଥମେ ସରକାରୀ ନିର୍ଦ୍ଦେଶନାମା ଆଉ ବର୍ତ୍ତମାନ ଖୋଦ୍ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବେଖାତିର କରିଥିବା ଅଭିଯୋଗ ହୋଇଛି। ୨୦୧୯ ମସିହା ଠାରୁ ବ୍ରହ୍ମପୁର ସହରର ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ୍ କ୍ଷମତା ବିଡିଏ ଠାରୁ ବିଇଏମ୍‌ସିକୁ ହସ୍ତାନ୍ତର କରାଯାଇଛି। ଫଳରେ ସହରରେ କୌଣସି ନୂତନ ହେଉ ଅଥବା ପୁରୁଣା କୋଠାର ପ୍ଲାନ୍ ଆପ୍ରୁଭାଲ୍ କ୍ଷମତା ବିଡିଏର ନାହିଁ। ତେବେ ସହର ଉପକଣ୍ଠରେ ଗୋପାଳପୁର ଓ ଛତ୍ରପୁର ଭଳି ବିଭିନ୍ନ ସହରରେ କୌଣସି ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ୍ ବାବଦରେ ବିଡିଏ ରାଜସ୍ୱ ଆଦାୟ କରିପାରିବ । ତେବେ ଏହି କ୍ଷେତ୍ରରେ ମୋଟ ପ୍ରକଳ୍ପ ଅଟକଳର ଶତକଡ଼ା ୧ ପ୍ରତିଶତ ଅର୍ଥ ସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତଙ୍କ ଠାରୁ ଆଦାୟ କରି ବିଡିଏ ପୈଠ କରିବା ନିୟମ ରହିଛି। ତେବେ ଗତ ଫେବୃୟାରୀ ୨୦୨୪ ପରଠାରୁ ବିଡିଏ ଦ୍ୱାରା ସଂଗୃହୀତ ଉନ୍ନୟନ ଫି' ବାବଦ ଅର୍ଥକୁ କୌଣସି ପଞ୍ଚାୟତକୁ ପ୍ରଦାନ କରିନାହିଁ। ଫଳରେ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଦର୍ଶାଇ ୮ଟି ପଞ୍ଚାୟତର ସରପଞ୍ଚମାନେ ପ୍ରଥମେ ବିଡିଏ ସଚିବ ଏବଂ ପରେ ମାର୍ଚ୍ଚ ୧୧ ତାରିଖରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ଶୁଣାଣି କରିବା ସହ ଦାବି ଯଥାର୍ଥତା ଥିବା ଦର୍ଶାଇ ଗଞ୍ଜାମ ଜିଲ୍ଲାପାଳ ୩ ପଞ୍ଚାୟତ ଯଥା ହଳଦିଆପଦରକୁ ୨ ଲକ୍ଷ ୩୮ ହଜାର ୫୧୫ ଟଙ୍କା, ଲୋଚାପଡ଼ାକୁ ୧୦ ହଜାର ୭୨୫ ଟଙ୍କା ଓ ଭାବିନୀପୁର ପଞ୍ଚାୟତକୁ ସର୍ବାଧିକ ୬ ଲକ୍ଷ ୯ ହଜାର ୭୫ ଟଙ୍କା ଏଭଳି ଭାବେ ମୋଟ ୮ ଲକ୍ଷ ୫୮ ହଜାର ୩୧୫ ଟଙ୍କା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସମ୍ପୃକ୍ତ ପଞ୍ଚାୟତ ଗୁଡ଼ିକୁ ମଧ୍ୟ ନିଜେ ବିଡିଏ ସଚିବ ନୋଟିସ ଜାରି କରିଥିଲେ। ତେବେ ଅର୍ଥ ପ୍ରଦାନ ନେଇ ରହିଥିବା ନିର୍ଦ୍ଧାରିତ ସମୟର ଏକ ମାସ ବିତିଯାଇଥିଲେ ହେଁ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଇ ନଥିବା ଅଭିଯୋଗ ହୋଇଛି। ଏନେଇ ଖୋଦ୍ ଭାବିନୀପୁର ସରପଞ୍ଚ ବିଡିଏ ସଚିବ ରମେଶ ଚନ୍ଦ୍ର ହାଂସଦାଙ୍କୁ ସାକ୍ଷାତ କରି ତୁରନ୍ତ ବକେୟା ଅର୍ଥ ପ୍ରଦାନ କରିବାକୁ ଦାବି କରିଥିଲେ । ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଇ ନଥିବା ଓ ବିଭିନ୍ନ ପଞ୍ଚାୟତକୁ ସେମାନଙ୍କ ପ୍ରାପ୍ୟ ଅର୍ଥ ପ୍ରଦାନରେ ବିଳମ୍ବ ହୋଇଥିବା ଜାଣିବା ପରେ ଘଟଣାର ତଦନ୍ତ କରିଛନ୍ତି ନିଜେ ବିଇଡ଼ିଏ ସଚିବ । ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବାରେ ବିଳମ୍ବରେ କୈଫିୟତ ଦେବାକୁ ଦାୟିତ୍ୱରେ ଥିବା ନିଜ କାର୍ଯ୍ୟାଳୟର କର୍ମଚାରୀଙ୍କୁ ନୋଟିସ୍ ଜାରି କରିଛନ୍ତି । ଏନେଇ ସେ ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି ।

# ୫୦ ବର୍ଷ ତଳର ବିପଦପୂର୍ଣ୍ଣ କୋଠାରେ ଚାଲିଛି ନୀଳଶୈଳ ମହାବିଦ୍ୟାଳୟ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**



ଦୀର୍ଘ ୪୦ରୁ ୫୦ ବର୍ଷ ତଳେ ତିଆରି ହୋଇଥିବା ଏକ ବିପଦପୂର୍ଣ୍ଣ କୋଠାରେ ସେ ସମୟରେ କରାଯାଇଥିବା ଏକ ମହାବିଦ୍ୟାଳୟରେ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଭଙ୍ଗା ଦଦରା ବିଲ୍ଡିଂ ତଳେ ମହା ବିପଦକୁ ନେଇ ପ୍ରାୟ ୧୪୦୦ ଛାତ୍ରଛାତ୍ରୀ ଓ ୧୫ରୁ ଅଧିକ କର୍ମଚାରୀ ଶିକ୍ଷକ କାମ କରୁଛନ୍ତି, ହେଲେ ଏହାକୁ ଦୃଷ୍ଟି ଦେଇନାହାନ୍ତି। ଏହି ମହାବିଦ୍ୟାଳୟର ନାମ ହେଲା ଝିରିପାଣି ଜଗଦା ଅଞ୍ଚଳରେ ଗଢି ଉଠିଥିବା ନୀଳଶୈଳ ମହା ବିଦ୍ୟାଳୟ। ଏହି ମହାବିଦ୍ୟାଳୟ ସେ ସମୟର ନେତ୍ରୀ ଲୋପାମୁଦ୍ରା ମହାନ୍ତିଙ୍କ ସମୟରେ ତିଆରି କରାଯାଇଥିଲା। ସେ ସମୟରେ ବିଶ୍ରା, ଝିରିପାଣି ଆଦି ଅଞ୍ଚଳ ସମେତ ରାଉରକେଲା ଆଖପାଖର ପିଲାମାନେ ଏଥିରେ ପାଠ ପଢିବାକୁ ସୁଯୋଗ ପାଉଥିଲେ। ବର୍ତ୍ତମାନ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୪୦୦ ପିଲା ଏଠାରେ ପଢୁଛନ୍ତି, ଶିକ୍ଷକ କର୍ମଚାରୀ ସଂଖ୍ୟା କମ୍ ଥିଲେ ବି ମୋଟ କର୍ମଚାରୀ ଓ ଶିକ୍ଷକ ଏଠି ୧୪ ଜଣ ରହିଛନ୍ତି। ମହାବିଦ୍ୟାଳୟ ପ୍ରାୟ ୨୦୦୮ ମସିହାରୁ ସରକାରୀ ଭାବେ ଆଂଶିକ ସ୍ୱୀକୃତି ପାଇ ସାରିଛି। ରାଉରକେଲା ନିର୍ବାଚନ ମଣ୍ଡଳୀ ଭିତରେ ଏହି ମହାବିଦ୍ୟାଳୟ ରହିଛି। ଝିରିପାଣି, କୋଏଲନଗର ସେକ୍ଟର ଅଞ୍ଚଳର ସମେତ ଆଖ ପାଖ ଅଞ୍ଚଳର ପିଲାମାନଙ୍କ ଲାଗି ଏହା ମୁଖ୍ୟ ମହାବିଦ୍ୟାଳୟ ଭାବେ ବିବେଚନା କରାଯାଏ। ହେଲେ ସେ ସମୟରେ ତିଆରି ହୋଇଥିବା ଏକ ପୁରୁଣା ବିଲ୍ଡିଂରେ ଏହି କଲେଜ ଆରମ୍ଭ ହୋଇ ଅନେକ ଆଗକୁ ଯାଇଥିଲେ ବି ଏହାର ସେହି ପୁରୁଣା ବିଲ୍ଡିଂ ବର୍ତ୍ତମାନ ମହାବିପଦ ହୋଇ ଉଭାହୋଇଛି ବୋଲି ରାଉରକେଲା ପୂର୍ତ୍ତ ବିଭାଗ ଇଞ୍ଜିନିୟରମାନେ ଗତ ୪ ଏପ୍ରିଲରେ ଦେଇଥିବା ରିପୋର୍ଟରୁ ଜଣାପଡ଼ିଛି। ସେମାନେ କହିଛନ୍ତି ଏହା ସମ୍ପୂର୍ଣ୍ଣ ଅନସେଫ ବିଲ୍ଡିଂ। ଏଭଳି ସ୍ଥିତି ଆଜି ନୁହେଁ ଏହା ଅନେକ ଦିନରୁ ରହିଆସିଛି। ତେବେ କଲେଜ ପକ୍ଷରୁ ବାରମ୍ବାର ଏନେଇ ଦୃଷ୍ଟି ଆକର୍ଷଣ କରାଯିବା ପରେ ରାଉରକେଲା ପୂର୍ତ୍ତ ବିଭାଗ ବାବୁମାନେ ଯାଇ ଗତ କିଛିଦିନ ତଳେ ଏହାର ସ୍ଥିତିକୁ ନିରୀକ୍ଷଣ କରି ରିପୋର୍ଟ ବାହାର କରିଛନ୍ତି। ଏଭଳି ଅନସେଫ ବିଲ୍ଡିଂରେ ଏବେବି ପିଲା ଓ କର୍ମଚାରୀମାନେ ପାଠ ପଢିବା ସହ କଲେଜ କାମ ଚାଲିଛି। ରାଉରକେଲାକୁ କୋଟି କୋଟି ଟଙ୍କା ଉନ୍ନୟନ କାମ ଲାଗି ଆସୁଛି, ମହାନଗର ନିଗମ ପାଖରେ ମଧ୍ୟ ଅନେକ ଅର୍ଥ ରହିଛି, ସ୍ମାର୍ଟ ସିଟି ଠାରୁ ଆରମ୍ଭ କରି ଝିରିପାଣି ବ୍ଲକକୁ ମଧ୍ୟ ସରକାର ଅନେକ ଅର୍ଥ ଦେଉଛନ୍ତି, ଭୋଟ ଲାଗି ଏହି ସବୁ ଅଞ୍ଚଳକୁ ବାବୁମାନେ ନିୟମିତ ଯାଇଥାନ୍ତି, ସରକାରୀ ବାବୁମାନେ ମଧ୍ୟ ଫିତା କାଟିବାକୁ ଅନେକ ସମୟରେ ବିଭିନ୍ନ ପ୍ରକଳ୍ପ ଲାଗି ଏହି ଅଞ୍ଚଳକୁ ଯାଇଥାନ୍ତି, ହେଲେ ଏ କଲେଜର ପିଲା ଓ କର୍ମଚାରୀ ଏବେବି ବିପଦପୂର୍ଣ୍ଣ ବିଲ୍ଡିଂ ତଳେ ରହିଛନ୍ତି। ଦେଖାଯାଏ, ଦଦରା ପୋଲ ହେଉ କିମ୍ବା ବିଲ୍ଡିଂ ତାହା ଭୁଶୁଡ଼ିଲା ପରେ କିଛି ଦୁର୍ଘଟଣା ହେଲା ପରେ ସରକାରଙ୍କର ଚେତା ପଶେ। ସହର ଓ ଆଖ ପାଖରେ ହୋଇଥିବା ଭଲ ରାସ୍ତାକୁ ଆଉଥରେ ଖୋଳାଯାଇ କାମ ହେଉଛି, କିଛି ହୋଇ ନଥିବା ସରକାରୀ ଘରକୁ ବାରମ୍ବାର ମରାମତି ରଙ୍ଗ ଧଉଳା କରାଯାଉଛି, ଦେଖାଯାଉ ଏହି କଲେଜର ଏହି ଦଦରା କୋଠା ଓ ପିଲାମାନଙ୍କର ସୁରକ୍ଷାକୁ ନେଇ ସରକାର କେବେ ଦୃଷ୍ଟି ଦେଉଛନ୍ତି।

# କେନ୍ଦୁପତ୍ର ସଂସ୍ଥାରେ ଘରୋଇକରଣ ବିରୁଦ୍ଧରେ କର୍ମଚାରୀ ସଂଘର ଆନ୍ଦୋଳନ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର କେନ୍ଦୁପତ୍ର ଡିଏଫ୍‌ଓଙ୍କ କାର୍ଯ୍ୟାଳୟର ସମ୍ମୁଖରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବଲାଙ୍ଗୀର ଡିଭିଜନ କମିଟି ପକ୍ଷରୁ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ବଜେଟ୍ ପ୍ରାପ୍ତ ୧୦୦ କୋଟି ଟଙ୍କାରୁ ୫୦ କୋଟି ଟଙ୍କା କାଟି ଦେବା, ସରକାରୀ ଘୋଷଣା ସତ୍ତ୍ୱେ କନ୍ୟା ବିବାହ ସହାୟତା ବାତିଲ, ସର୍ବନିମ୍ନ ମଜୁରି ବୃଦ୍ଧି ଗତ ଜୁଲାଇ ମାସରୁ ହୋଇଥିଲେ ସୁଦ୍ଧା ୧୦ ମାସ ପରେ ବି ଶିଜିନାଲ କର୍ମଚାରୀମାନଙ୍କର ମାସିକ ମଜୁରି ବୃଦ୍ଧିରେ ବିଳମ୍ବ, ବନ୍ଧେଇ ଶ୍ରମିକମାନଙ୍କର ଫି' ବୃଦ୍ଧିରେ ବିଳମ୍ବ, ୬ଟି ଜିଲ୍ଲାରେ କେନ୍ଦୁପତ୍ର ସଂସ୍ଥାରେ ଘରୋଇକରଣ ପ୍ରସ୍ତାବ ବିରୋଧରେ ଏବଂ ବିଶେଷ ଭାବରେ ତ୍ରୁଟିପୂର୍ଣ୍ଣ କେଏଲଡିବିରେ ସଂଶୋଧନ ଏବଂ ଅନ୍ୟାନ୍ୟ ସାମାଜିକ ନିରାପତ୍ତାମୂଳକ ଆର୍ଥିକ ସହାୟତା ପ୍ରଦାନରେ ବିଳମ୍ବ ଏବଂ କେନ୍ଦୁପତ୍ର ତୋଳାଳିମାନଙ୍କର ନିର୍ବାଚନ ଇସ୍ତାହାରରେ କେରି ପ୍ରତି ଦର ବୃଦ୍ଧି କରିବା ଘୋଷଣା ହୋଇଥିବା ସତ୍ତ୍ୱେ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଥିଲେ ମଧ୍ୟ କେରି ପ୍ରତି ଦର ବୃଦ୍ଧି ହୋଇ ନଥିବା ଯୋଗୁ ଗଭୀର ଅସନ୍ତୋଷ ପ୍ରକାଶ କରାଯାଇ ଶୀଘ୍ର ଦରବୃଦ୍ଧି ଘୋଷଣା କରିବାକୁ ଦାବି କରାଯାଇଥିଲା। କେନ୍ଦୁପତ୍ର ତୋଳାଳିମାନେ ଏକ ଶୋଭାଯାତ୍ରାରେ ବାହାରି ଡିଏଫ୍‌ଓ ଅଫିସରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଏଫ୍‌ଓ ଅମିତା ରାୟଙ୍କୁ ୧୨ଦଫା ଦାବିପତ୍ର ପ୍ରଦାନ କରଯାଇଥିଲା। ଏହି ଧାରଣା ଓ ଘେରାଉ କାର୍ଯ୍ୟକ୍ରମରେ ସଂଘର ସଭାପତି ବିଜୟ ମହାନ୍ତି, ଉପସଭାପତି ଗୋକୁଳ ମେହେର ରାଜ୍ୟ ସଂଗଠନ ସମ୍ପାଦକ ସଂଜିତ ମହାନ୍ତି, ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ଡିଭିଜନ ସମ୍ପାଦକ ରାଜ କୁମାର ମେହେର, ସୁମିତ ପଟେଲ, ଚୁମନ ପ୍ରଧାନ, ନେପାଳ ସା, ବିଜୟ ସାହୁ, ପ୍ରସନ୍ନ ବଗର୍ତ୍ତି, ସତ୍ୟ ମାଝି, ବିଘ୍ନରାଜ ଶତପଥୀ, ରମେଶ ସା, ଚନ୍ଦ୍ର ମାଝୀ, ସଞ୍ଜୀବ ମିଶ୍ର, ପ୍ରତାପ ମେହେର, ବିଭୂତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

# ଭଙ୍ଗାଯାଉନି ବିପଦ ସଂକୁଳ ଶ୍ରେଣୀ ଗୃହ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ବିଭିନ୍ନ ସ୍କୁଲମାନଙ୍କରେ ଅନେକ ଅବ୍ୟବହୃତ ବିପଦ ସଂକୁଳ ଘୋଷଣା ହୋଇସାରିଥିବା ଶ୍ରେଣୀଗୃହ ଗୁଡିକକୁ ଭାଙ୍ଗି ମାଟିରେ ମିଶାଇବା ଆବଶ୍ୟକତାକୁ କାହାରି ନଜର ନଥିଲା ବେଳେ ଏହା ସ୍କୁଲ ପିଲାମାନଙ୍କ ପାଇଁ ଦିନକୁ ଦିନ ବିପଦ ସଂକୁଳ ହୋଇ ପଡୁଛି। ସ୍କୁଲ ପରିସରରେ ଖେଳ କୁଦ ତ ପଛ କଥା, ଏପରିକି ବିଚରଣ ପାଇଁ ସ୍ଥାନାଭାବ ଥିଲା ବେଳେ ଏହି ଘରଗୁଡିକ ସମସ୍ୟା ସୃଷ୍ଟି କରୁଛି। ଏକ ଦଶନ୍ଧି ପୂର୍ବେ ଭିନ୍ନ ଏକ ଜିଲ୍ଲାରେ ଏଭଳି ଗୃହ ପାଇଁ ଏକ ବଡ଼ ଧରଣର ଅଘଟଣ ଘଟିବାରୁ ସେତେବେଳ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ପ୍ରକାଶ କରାଯାଇଥିଲା ଯେ ସ୍କୁଲ ପରିଚାଳନା କମିଟି ଚାହିଁଲେ ଏଭଳି ଗୃହକୁ ତୁରନ୍ତ ଭାଙ୍ଗି ଦେଇପାରିବ। କିନ୍ତୁ କୌଣସି ଅର୍ଥ ବ୍ୟବସ୍ଥା ନକରି ବ୍ୟର୍ଜ ବସ୍ତୁ ବିକି ଏହାର ଭାଙ୍ଗିବା ଖର୍ଚ୍ଚ ଭରଣା କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ କଂକ୍ରିଟ ଛାତ ଘର ଭାଙ୍ଗିବା ଖର୍ଚ୍ଚ ଅଧିକ ହେଉଥିବାରୁ କୌଣସି କମିଟି ମନୋନିବେଶ କରୁନାହାନ୍ତି। ଆହୁରି ମଧ୍ୟ ବନ୍ଦ ହୋଇପଡ଼ିଥିବା ସ୍କୁଲର ଭଙ୍ଗା ଶ୍ରେଣୀଗୃହ ଆଖପାଖରେ ଗାଁର ପିଲାମାନେ ଖେଳୁଥିବା ବେଳେ ଅଘଟଣର ଆଶଙ୍କା ମଧ୍ୟ କରାଯାଉଛି। କେତେକ ଜାଗାରେ ଫତେପୁର ପୁରୁଣା ଶ୍ରେଣୀଗୃହ ପରି ରାସ୍ତା ସାମ୍ପ୍ରସରଣ କାର୍ଯ୍ୟରେ ଏହା ବାଧକ ସାଜିଲାଣି। ମଠସାହି ସ୍କୁଲ ପରି ବେଆଇନ କାର୍ଯ୍ୟ କଳାପରେ ଅସାମାଜିକ ମାନେ ବ୍ୟବହାର କରୁଥିବା ନଜରକୁ ଆସିଲାଣି। ଅନ୍ତତଃ ପକ୍ଷେ ସ୍କୁଲ ଚାଲୁଥିବ ତଥା ସ୍ଥାନ ଅଭାବ ଥିବା ସ୍କୁଲ ପରିସରରେ ଥିବା ଏଭଳି ଶ୍ରେଣୀଗୃହ ଭାଙ୍ଗିବାପାଇଁ ଜିଲ୍ଲାପାଳ ସ୍ୱତନ୍ତ୍ର ଅର୍ଥ ବିନିଯୋଗ କରି ଜିଲ୍ଲା ସ୍ତରୀୟ ବ୍ରେକିଙ୍ଗ ଦଳ ପଠାଇ କାର୍ଯ୍ୟ କରିବାକୁ ଭଣ୍ଡାରିପୋଖରୀ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ମଦର ବନ୍ୟା : ଅବକାରୀ ବିଭାଗ ରାସ୍ତାରେ ଧରୁଛି, ଢାବାକୁ ଡରୁଛି !

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**



ବୌଦ୍ଧ ବ୍ଲକ ବାଉଁଶୁଣି ଥାନା ଅଞ୍ଚଳରେ ଯୁଆଡ଼େ ଯିବ ଖାଲି ମଦ। ଏହି ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦର ବନ୍ୟା ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ବାଉଁଶୁଣି ଥାନା ଅର୍ନ୍ତଗତ ବଜାର ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ ଯାହାକୁ ଯେତେ ବିକ୍ରି ହେଉଥିବାର ଅଭିଯୋଗ ହେଉଛି।

ବୌଦ୍ଧ ଥାନା ଅଞ୍ଚଳରେ ଥିବା ଢାବାଗୁଡ଼ିକରେ ମଦ ବିକ୍ରି ନକରିବା ପାଇଁ ଢାବା ମାଲିକ ଓ ପୁଲିସ ବିଭାଗ ମଧ୍ୟରେ ଏକ ବୈଠକ ହୋଇସାରିଥିବାବେଳେ ବାଉଁଶୁଣି ଥାନା ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଏଭଳି ବୈଠକ ହୋଇନଥିବା ଜଣାପଡ଼ିଛି। ଏଠାରେ ଗୋଟିଏ ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ଓ ଗୋଟିଏ ଠିପିବନ୍ଦ ବିଦେଶୀ ମଦଦୋକାନ ରହିଛି। ଏହି ଠିପି ବନ୍ଦ ବିଦେଶୀ ଦୋକାନଟି ଛେଳିବାହାଲ ବାଇପାସ୍ ରାସ୍ତାରେ ଖୋଲା ହେବା ଦିନ ଠାରୁ ଏହି ବାଇପାସ୍ ରାସ୍ତାଟି ଲୋକଙ୍କ ପାଇଁ ଅମଡ଼ା ବାଟ ହୋଇଯାଇଛି। କାରଣ ଏହି ରାସ୍ତା କଡ଼ରେ ବସି ମଦ୍ୟପମାନେ ଦିନ ରାତି ମଦ୍ୟପାନ କରୁଥିବାରୁ ସାଧାରଣ ଲୋକ ଓ ଛାତ୍ରଛାତ୍ରୀମାନେ ଏହି ରାସ୍ତାରେ ଯିବାଆସିବା କରିବା ପାଇଁ ଭୟ କରୁଛନ୍ତି। ଏହାଛଡ଼ା ଦୈନିକ ବଜାର ରୋଡ଼, ଗୁନ୍ଦୁଳିଆ ରୋଡ଼, ଡାକବଙ୍ଗଳା ଛକ, ମାଉଳିମୁଣ୍ଡା ଛକ, ଦନ୍ତାପାଳି, ବୈଦ୍ୟନାଥପୁର ମଦଭାଟି ଆଦି ଅଞ୍ଚଳରେ ଥିବା ଢ଼ାବା ଓ ଚିକେନ୍ ଦୋକାନ ସହିତ ଅଁଳାପାଲି, ବହିରା, ସଦେଇପୁର, ଜୁରାମୁଣ୍ଡା, ବାଦୀକଟା, ଗୋଛାପଡ଼ା, ମଲ୍ଲିକପଡା ଆଦି ସ୍ଥାନମାନଙ୍କରେ ଦେଶୀ-ବିଦେଶୀ କୁଚିଆ ମଦର ବନ୍ୟା ହେଉଛି।

ଜିଲ୍ଲା ଅବକାରୀ ବିଭାଗ ବୁଲିବୁଲି ଗାଁରାସ୍ତାରେ ଜଙ୍ଗଲରେ ଗୋଡ଼ାଇ ଗୋଡ଼ାଇ ମଦ ଜବତ କରିବା ସହ ମହୁଲ ପୋଚ ନଷ୍ଟ କରୁଛି। ହେଲେ ଏହି ସବୁ ଢାବା ଓ କୁଚିଆ ମଦ ଦୋକାନରୁ କେମିତି ମଦ ଜବତ ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ ଅବକାରୀ ବିଭାଗର ପାରିବାପଣିଆ ସହଜରେ ସ୍ପଷ୍ଟ ବାରି ହୋଇପଡୁଛି। ମାସିକ କୋଟା କାରବାର ଯୋଗୁଁ ବୁଝାମଣା ଭାବେ ଏସବୁ ବେପାର ଖୁଲମ୍‌ଖୁଲା ଭାବେ ନିର୍ଭୟରେ ଚାଲିଛି ବୋଲି ଲୋକେ କହିବା ସହ ସର୍ବସାଧାରଣରେ ତୀବ୍ର ସମାଲୋଚନା ମଧ୍ୟ ପ୍ରକାଶ ପାଇଛି।

# ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଠାରେ ମାରୱାଡ଼ି ଯୁବା ମଞ୍ଚ ବଙ୍ଗୋମୁଣ୍ଡା ଶାଖା ଓ ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି ରାଞ୍ଚି ମିଳିତ ଉଦ୍ୟମରେ ନିଃଶୁଳ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଉଗ୍ରସେନ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ମାରୱାଡ଼ି ଯୁବା ମଞ୍ଚର ସଭାପତି ଅମନ ଜୈନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ୩ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ବଙ୍ଗୋମୁଣ୍ଡା ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଇଞ୍ଚାର୍ଜ ଜୟନ୍ତ ବାଗ, ପୂର୍ବତନ ସଭାପତି ଆନନ୍ଦ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ମାନଙ୍କୁ କୃତ୍ରିମ ହାତ, ଗୋଡ଼ ପ୍ରଦାନ କରାଯାଇଥିଲା। ଏଥିରେ ବଙ୍ଗୋମୁଣ୍ଡା ଅଞ୍ଚଳର ବହୁ ଦିବ୍ୟାଙ୍ଗ ଭାଇ ଭଉଣୀ ମାନେ ସାମିଲ ହୋଇଥିଲେ। ଆୟୋଜକ କମିଟିର ସଭାପତି ସଭାପତି ଅମନ ଜୈନ, ସମ୍ପାଦକ ମନୂଆ ଅଗ୍ରୱାଲ,ବିକାଶ ଜୈନ, ସଙ୍ଗମ ଜୈନ, ସିଏ ଶୁଭମ୍ ଅଗ୍ରୱାଲ, ସୀମିତ ଜୈନ, ଆନନ୍ଦ ଅଗ୍ରୱାଲ, ବିନୀତ ଅଗ୍ରୱାଲ, ଗୌତମ ଜୈନ,ଶୁଭମ୍ ଅଗ୍ରୱାଲ, କନେଇୟାଲାଲ ଅଗ୍ରୱାଲ, ସାହିଲ ଜୈନ, ବିକାଶ ଜୈନ (ମିନେରାଲ), ଆଶିଷ ଜୈନ, ବିଶ୍ୱାସ ଅଗ୍ରୱାଲ, ବର୍ଦ୍ଧମାନ ଜୈନ ପ୍ରମୁଖଙ୍କ ସହ ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜଗନ୍ନାଥ ସାଗର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସ୍ଥିତ ଜଗନ୍ନାଥ ସାଗରରେ ବିଧାୟକ ତାରା ପ୍ରସାଦ ବାହିନିପତ ଓ କୋରାପୁଟ ଜିଲ୍ଲାପାଳ ଭି କିର୍ତ୍ତି ଭାସନ ନଡିଆ ଭାଙ୍ଗି କାଯ୍ୟର ଶୁଭାରମ୍ଭ କରିଥିଲେ। କାଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଆକା ବରମ ଶଶ୍ୟା ରେଡ୍ଡି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ପୌର କାଯ୍ୟନିବାହୀ ଅଧିକାରୀ କୃତିବାସ ସାହୁ, ପୌର କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାଯ୍ୟ, ଅଜୟ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତିୟ ପଯ୍ୟାୟର ଦ୍ରବ୍ୟ ଓ ସେବା କର ମିଶାଇ ଅଟକଳ ମୂଲ୍ୟ ୯ କୋଟି ୪୫ ଲକ୍ଷ ଟଙ୍କା ରହିବା ବେଳେ ସରକାରଙ୍କ ଠାରୁ ଅନୁମୋଦିତ ହୋଇ ପୌରପରିଷଦକୁ ପ୍ରେରଣ କରାଯାଇଛି। ଟେଣ୍ଡର ମାଧ୍ୟମରେ କୋକସରାର ଏକ ଠିକା ସଂସ୍ଥାକୁ କାଯ୍ୟଦେଶ ଦିଆଯାଇଛି। ଉକ୍ତଠିକା ସଂସ୍ଥା ଦ୍ରବ ଓ ସେବା କରକୁ ମିଶାଇ ୮ କୋଟି ୪୦ ଲକ୍ଷ ଟଙ୍କାରେ କାଯ୍ୟ କରିବା ପାଇ ଚୁକ୍ତି ବନ୍ଧ ହୋଇ ଅଛି। ଏହି କାର୍ଯ୍ୟର ନିର୍ଦ୍ଧାରିତ ସମାପ୍ତ କରିବାର ଅବଧି ୬ ମାସ ଥିଲେ ମଧ ଉକ୍ତ ସଂସ୍ଥା ୪୫ ଦିନରେ ସମ୍ପନ୍ନ କରିବା ପାଇ ପ୍ରତିଶ୍ରୁତି ଦେଇଛି । ଠିକା ସଂସ୍ଥାକୁ ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କୋରାପୁଟ ଜିଲ୍ଲା ଭି କିର୍ତ୍ତି ଭାସନ ସୂଚନା ଦେଇଛି ।

# ବିଜ୍ଞାପନ ପ୍ରଚାରର ମାଧ୍ୟମ ପାଲଟିଛି ରାସ୍ତା କଡ଼ର ବଡ଼ ବଡ଼ ଗଛ : ବନ ବିଭାଗ ନୀରବ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଗଛ ହିଁ ଜୀବନ, ପିଲାଟିଏ ଗଛଟିଏ, ବୃକ୍ଷ ରୋପଣ କର ଜୀବନ ବଞ୍ଚାଅ ଏଭଳି ପରିବେଶକୁ ସୁରକ୍ଷା ଦେବାପାଇଁ ଅନେକ ଆହ୍ୱାନ ଦିଆଯାଉଛି। ଏଥିପାଇଁ ଲୋକଙ୍କୁ ସଚେତନ କରାଯାଉଛି। କିନ୍ତୁ କିଛି ସ୍ଥାନରେ ଫଳ ଶୂନ ଦେଖିବାକୁ ମିଳିଛି। ପ୍ରକାଶ ଯେ, ମାଲକାନଗିରି ଜିଲ୍ଲାର ଗୋବିନ୍ଦ ପାଲ୍ଲୀ ଠାରୁ ଆରମ୍ଭ କରି ମୋଟୁ ଜାତୀୟ ରାଜପଥ, ଗୋବିନ୍ଦ ପାଲ୍ଲୀ ଠାରୁ ଚିତ୍ରକୋଣ୍ଡା, ବାଲିମେଳା ଠାରୁ ମାଲକାନଗିରି, କାଲିମେଲା ଠାରୁ ପଡିଆ ପ୍ରଭୃତି ରାସ୍ତା କଡ଼ରେ ଥିବା ବଡ଼ବଡ଼ ଗଛରେ ବିଜ୍ଞାପନ ପାଇଁ କଣ୍ଟା ପିଟାଯାଇ ଗଛକୁ ନଷ୍ଟ କରାଯାଉଛି। ବିଶେଷ କରି ଏବେ ନୂତନ ଶିକ୍ଷାବର୍ଷ ପାଇଁ ଘରୋଇ ବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରଚାର ପ୍ରସାର ପାଇଁ ଗଛକୁ କଣ୍ଟାପୀଡ଼ା ଦିଆଯାଉଛି। ବିଶେଷ କରି ମାଲକାନଗିରି ସଦର ମହାକୁମା ସ୍ଥିତ ଏକ କଲେଜର ପ୍ରଚାର ବିଜ୍ଞାପନ ରାସ୍ତା କଡରେ ଥିବା ସବୁ ବଡ଼ ବଡ଼ ଗଛରେ ଛାଇ ହୋଇଯାଇଛି। ଫଳରେ ଗଛର ଅବସ୍ଥା ଶୋଚନୀୟ ହୋଇପଡିଛି। ବନ ବିଭାଗର ଅଧିକାରୀମାନେ ଏସବୁ ଦେଖି ନିରବ ରହିବାକୁ ପରିବେଶବିତ୍ ମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତ। ମାଲକାନଗିରି ଜିଲ୍ଲାରେ ଚିତ୍ରକୋଣ୍ଡା, ବାଲିମେଳା, ମାଥିଲି, କାଲିମେଳା, ମୋଟୁ ଓ ମାଲକାନଗିରି ୬ ଟି ବନାଞ୍ଚଳ ରହିଛି ହେଲେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପରିବେଶର ସୁରକ୍ଷା ଦିଗରେ ଯେଉଁ ଭଳି ପଦକ୍ଷେପ ନେବା ଜରୁରୀ ସେହିପରି କରାଯାଉ ନ ଥିବା ଅଭିଯୋଗ ହେଉଛି। ଏନେଇ ବିଭାଗ ତା ଦାୟିତ୍ୱ ସଠିକ ଭାବେ ତୁଲାଇଥିଲେ ହୁଏତ ଏଭଳି ଗଛରେ କଣ୍ଟାପୀଡ଼ା ହୋଇ ନ ଥାନ୍ତା ବୋଲି କୁହାଯାଉଛି।

# କୋରାପୁଟ ଜିଲ୍ଲାରେ ମାରାତ୍ମକ ହେବାରେ ଲାଗିଛି ଅନ୍ ଲାଇନ୍ ଜୁଆ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲାରେ ବର୍ତ୍ତମାନ ଅନ୍ ଲାଇନ୍ ଗେମ୍ ପିଲାଠାରୁ ବୁଢାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାଇଆ କରିଛି। ଅନ୍ ଲାଇନ ଖେଳ ଆକୃଷ୍ଟ କରୁଛି। ମାତ୍ର ପ୍ରତିଦିନ ଖବରକାଗଜରେ ବାହାରୁଛି – ଅନ୍ ଲାଇନ ଖେଳରେ ଏତେ ଟଙ୍କା ହାରିଲେ, ଅନ୍ ଲାଇନ ଗେମ୍ ଖେଳି ଜୀବନ ହାରିଲେ; କିନ୍ତୁ ଏସବୁ କାହାକୁ ପ୍ରଭାବିତ କରୁନି। କମ୍ପ୍ୟୁଟର ବା ମୋବାଇଲରେ ଖେଳାଯାଉଥିବା ଯେ କୌଣସି ଖେଳ ଯେ ଜୁଆଠାରୁ କୌଣସି ଗୁଣରେ କମ୍ ନୁହେଁ ଏକଥା ସମସ୍ତ ଜାଣନ୍ତି; ମାତ୍ର ଖେଳୁଛନ୍ତି। ଏ କଥା ସତ୍ୟ ପ୍ରଯୁକ୍ତିବିଦ୍ୟା ଆମ ଜୀବନକୁ ବହୁତ ସହଜ କରିଦେଇଛି; କିନ୍ତୁ ପ୍ରଯୁକ୍ତିର ସୁଫଳ ତୁଳନାରେ ଏହାର ବିପରୀତ ଫଳ ଆମକୁ ଅଧିକ ବିପଦରେ ପକାଉଛି। ଅନ୍ ଲାଇନ ଗେମ୍ ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଏମିତି କଳା ଦୁନିଆ ଯାହା ପ୍ରଥମେ ଆମର ଯୁବପିଢିଙ୍କ ଗଳାରେ ଫାଶ ହୋଇଥିଲା, ଏବେ ଏହା ସମାଜର ସବୁବର୍ଗର ଲୋକଙ୍କୁ ନିଜର ଅକ୍ତିଆରକୁ ନେଲାଣି।

ପ୍ରାରମ୍ଭରେ ଏହି ଖେଳଗୁଡ଼ିକ କେବଳ ମନୋରଞ୍ଜନ ପାଇଁ ଖେଳାଯାଏ; କିନ୍ତୁ ଏହା ଧୀରେଧୀରେ ଏକ ନିଶାରେ ପରିଣତ ହୁଏ। ପିଲା ଏବଂ ଯୁବକମାନେ ଦିନରାତି ମୋବାଇଲ୍ କିମ୍ବା କମ୍ପ୍ୟୁଟରରେ ଖେଳ ଖେଳିବାରେ ବ୍ୟସ୍ତ ରହନ୍ତି। ଏହା କେବଳ ସେମାନଙ୍କ ପାଠପଢ଼ା ଓ ବୃତ୍ତିକୁ ପ୍ରଭାବିତ କରେନାହିଁ, ବରଂ ସେମାନଙ୍କର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହେବାକୁ ଲାଗେ। ଆଜିକାଲି କୋରାପୁଟ ଜିଲ୍ଲାର ଗାଁ ଗହଳି, ସହରବଜାର ଯୁଆଡ଼େ ଗଲେ ଆମେ ଦେଖିବାକୁ ପାଇବା ପିଲାମାନେ ମୁହଁ ତଳକୁ କରି ମୋବାଇଲରେ କ'ଣସବୁ କରୁଛନ୍ତି। ଦଳଦଳ ହୋଇ ପିଲାଏ ବସିଥିବେ ମାତ୍ର କାହାରି କାହା ସହିତ କଥା ନଥିବ, ନିଜ ନିଜ ମୋବାଇଲରେ ମୁଣ୍ଡମାଡି ଦେଇଥିବେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍‌ଲାଇନ ଗେମ୍ ହିଁ ଖେଳିଥାନ୍ତି। ଆଗରୁ ଅନ୍ ଲାଇନ



ଖେଳଗୁଡିକରେ ବିଭିନ୍ନ ଚ୍ୟାଲେଞ୍ଜ ମିଳୁଥିଲା ଯାହାକୁ ଖେଳାଳି ସମ୍ମୁଖୀନ ହୋଇ ନିଶାଗ୍ରସ୍ତ ଭାବେ ଖେଳୁଥିଲା। ଏବେ ଏସବୁରେ ଯୋଡି ହୋଇଯାଇଛି ଟଙ୍କା। ଅଧିକାଂଶ ଖେଳରେ ଟଙ୍କା ବିନିଯୋଗ କରି ଖେଳିବାର ବିକଳ୍ପ ଅଛି। ତେବେ ଟଙ୍କା ବିନିଯୋଗ କରି ଖେଳା ଯାଉଥିବା ଖେଳଗୁଡିକ ଜୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏମିତି ଖେଳ ଗୁଡ଼ିକରେ ଅନେକ ଯୁବକ ହଜାର ହଜାର ଟଙ୍କା ହରାଉଛନ୍ତି ଏବଂ ଅନେକ ସମୟରେ ଋଣରେ ବୁଡ଼ିଯାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଏହି ଖେଳରେ ଜିତି ଲାଭବାନ ହେବା ବ୍ୟକ୍ତିଙ୍କ ପ୍ରତିଶତ ଅତି ନଗଣ୍ୟ ହୋଇଥିବା ବେଳେ ଶହଶହ ଯୁବକ ନିଜର ପୁଞ୍ଜି ହରାଇ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଉଛନ୍ତି। ଏହି ଖେଳଗୁଡ଼ିକ ପିଲାମାନଙ୍କୁ ସାମାଜିକ ଜୀବନରୁ ଦୂରେଇ ନେଉଛି। ଅନ୍ ଲାଇନ ଗେମ୍‌ରେ ବୁଡ଼ି ରହୁଥିବା ପିଲାଏ ଘର ପରିବାର ଲୋକଙ୍କ ସହ ମିଶନ୍ତି ନାହିଁ, ସମାଜରେ କ'ଣ ଘଟୁଛି ସେଥିରେ ସେମାନଙ୍କ ରୁଚି ନଥାଏ, ସେମାନେ ଏକାକୀତ୍ୱର ଶିକାର ହୁଅନ୍ତି ଏବଂ ମାନସିକ ଚାପ ମଧ୍ୟରେ ରହିଥାନ୍ତି। ମନସ୍ତତ୍ୱବିତ୍ ମାନଙ୍କ ମତରେ ଅନ୍ ଲାଇନ ଗେମ୍ ଏକ ଅଦୃଶ୍ୟ ନିଶା। ଏହି ନିଶା ଡ୍ରଗ୍ସଠାରୁ ମଧ୍ୟ ମାରାତ୍ମକ। କାରଣ ଏଥିରୁ ବାହାରିବା ସହଜ ନୁହେଁ। ଆଉ ଏକ ଗୁରୁତର ବିଷୟ ହେଲା ଏହି ଗେମ୍‌ରେ ପ୍ରାୟତଃ ପିଲାମାନେ ହାରିଥାନ୍ତି ଓ ନିଜର ଅର୍ଥ, ସମୟ ଓ ମାନସିକ ଶାନ୍ତି ହରାଇଥାନ୍ତି। ହେଲେ ଏ କଥା ସେମାନେ କାହା ଆଗରେ କହିନଥାନ୍ତି। ଏହା ଗୁପ୍ତ ରଖିଥାନ୍ତି। ଏମିତିକି ଲକ୍ଷଲକ୍ଷ ଟଙ୍କା ହରାଇଥିଲେ ବି ଏ ଖବର ପୁଲିସ୍‌ରେ ଦେବାକୁ ଉଚିତ ମଣିନଥାନ୍ତି। ସେମାନଙ୍କର ଏହି ନୀରବତାର ସୁଯୋଗ ନେଇ ଅନ୍ ଲାଇନରେ ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଗେମିଂ ଆପ୍ସ ଚଳାଉଥିବା କମ୍ପାନୀଗୁଡ଼ିକ ପ୍ରଥମେ ଯୁବପିଢ଼ିଙ୍କୁ ଜିତିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରନ୍ତି। କିଛି ମନସ୍ତତ୍ୱବିତ୍‌ଙ୍କ ମତରେ ଏହି ଖେଳଗୁଡ଼ିକ ଏକ ନିଶା ପରି କାମ କରେ। ଟିକିଏ ଜିତିବା ଦ୍ୱାରା ପ୍ରାରମ୍ଭରେ ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କରେ ଏକ ବିଶେଷ ପ୍ରକାରର ହରମୋନ ସୃଷ୍ଟି ହୁଏ ଯାହା ତାଙ୍କୁ ବାରମ୍ବାର ଖେଳିବାକୁ ପ୍ରେରଣା ଦିଏ। ପରେ ଏମିତି ଗୋଟେ ଅବସ୍ଥା ଆସେ ଯେତେବେଳେ ପିଲାଟି ଖେଳରୁ କୌଣସି ଆନନ୍ଦ ପାଉନଥିଲେ ବି ନିଶାଗ୍ରସ୍ତ ହୋଇ ଖେଳିଥାଏ। ଜଣେ ବିଶିଷ୍ଟ ମନୋଚିକିତ୍ସକ କହିଛନ୍ତି ଯେ ପ୍ରତିଦିନ ସେ ଦେଖୁଥିବା ପ୍ରାୟ ୫୦ ଜଣ ରୋଗୀଙ୍କ ମଧ୍ୟରୁ ଦୁଇରୁ ତିନି ଜଣ ଅନ୍ ଲାଇନ ଗେମ୍ କିମ୍ବା ଇଣ୍ଟରନେଟ ପ୍ରତି ନିଶାରେ ପୀଡ଼ିତ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଘୋର ଆର୍ଥିକ ସଂକଟରେ ପାକ୍ ଅର୍ଥନୀତି

ଭାରତ ସହ ଯୁଦ୍ଧ ମଧ୍ୟରେ ପାକିସ୍ତାନର ସମସ୍ୟା ବଢ଼ିଚାଲିଛି । ପାଖରେ ସମ୍ବଳ ନାହିଁ । ଖାଦ୍ୟ ତଥା ଅର୍ଥନୀତିକୁ ଚଳାଇବା ପାଇଁ ଆଇଏମ୍ଏଫ୍‌ଠାରୁ ଭିକ୍ଷା ମାଗିଚାଲିଛି ପାକ୍ । ବର୍ତ୍ତମାନ ଏ ଦିଗରେ ହୁଏତ୍ ପାକିସ୍ତାନକୁ ମିଳିପାରେ ଆଉ ଏକ ବଡ଼ ଝଟ୍‌କା। ପହଲ୍‌ଗାମ ଆତଙ୍କବାଦ ଆକ୍ରମଣର ପ୍ରତିଶୋଧ କ୍ରମେ ମେ' ୭ରୁ ଭାରତ ପକ୍ଷରୁ ଆରମ୍ଭ 'ଅପରେଶନ ସିନ୍ଦୂର'ର ଭୟରୁ ବାହାରି ନ ଥିବା ପାକ୍ ପାଇଁ ଆରମ୍ଭ ହୋଇଛି ଆଉ ଏକ ନିର୍ଣ୍ଣାୟକ ଦିନ । ଯଦି ପାକିସ୍ତାନ ଏଥିରେ ହାରିଯାଏ ତେବେ ପାକ୍ ଅର୍ଥବ୍ୟବସ୍ଥାର ଅଣ୍ଟା ଭାଙ୍ଗିଯିବା ଥୟ । ଏହା 'ଅପରେଶନ ସିନ୍ଦୂର'ଠାରୁ ବି ବଡ଼ ଝଟ୍‌କା ସାବ୍ୟସ୍ତ ହେବ । ଏହା ଆର୍ଥିକ ସଂକଟରେ ଗତି କରୁଥିବା ପ୍ରତ୍ୟକ ପାକିସ୍ତାନୀ ଏବଂ ଦେଶର ଅର୍ଥବ୍ୟବସ୍ଥା ଉପରେ ପଡ଼ିବା ସୁନିଶ୍ଚିତ। ଭୋକରେ ଡହଳ ବିକଳ ଅବସ୍ଥାରେ ଥିବା ପାକିସ୍ତାନ ପାଇଁ ଶେଷ ଭରସା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) । ଆର୍ଥିକ ସଂକଟରେ ଫସିଥିବା ଅର୍ଥନୀତି ପାଇଁ ବର୍ତ୍ତମାନ ଆଇଏମ୍ଏଫ୍ ଋଣ ଅର୍ଥାତ୍ ବେଲ୍‌ଆଉଟ୍ ପ୍ୟାକେଜ୍ ନେବା ଜିଇଁବା ମରିବା ସହ ସମାନ । ଏପଟେ ଭାରତ ସହ ବିବାଦ ଯୋଗୁ ଏହାର ସମସ୍ୟା ଆହୁରି ବଢ଼ିଯାଇଛି । ଆଇଏମ୍ଏଫ୍‌ରେ ପାକିସ୍ତାନର ଏକ୍ସଟେଣ୍ଡେଡ୍ ଫଣ୍ଡିଂ ଫ୍ୟାସିଲିଟି (ଇଏଫ୍ଏଫ୍)ର ସମୀକ୍ଷା କରିବ। ଏହା ପରେ ସ୍ଥିର ହେବ ଯେ, ପାକିସ୍ତାନକୁ ୧.୩ ବିଲିୟନ ଡଲାର ବା ପ୍ରାୟ ୧୧୦୦୦ କୋଟି ଟଙ୍କାର ଋଣ ଦିଆଯିବ ଅବା ନୁହେଁ । ପାକିସ୍ତାନକୁ ଆଇଏମ୍ଏଫ୍‌ଠାରୁ ମିଳିବାକୁ ଥିବା ଋଣକୁ ନେଇ ଭାରତ ନିଜର ବିରୋଧ ଜଣାଇଛି । ଏ ଋଣ ଉପରେ ସମୀକ୍ଷା କରିବା ପାଇଁ ଏହା ଆଇଏମ୍ଏଫ୍ ପାଖରେ ଅନୁରୋଧ କରିଛି। ଏହା ଉପରେ ଆପତ୍ତି ଦର୍ଶାଇ ଭାରତ କହିଛି ଯେ, ପାକିସ୍ତାନ ଏହି ଋଣରାଶିର ବ୍ୟବହାର ନିଜର ଅଭିବୃଦ୍ଧି ପାଇଁ ନୁହେଁ ବରଂ ଲଶ୍କର-ଏ-ତୋଇବା ଏବଂ ଜୈଶ-ଏ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକୁ ସାହାଯ୍ୟ କରିବାରେ ଖର୍ଚ୍ଚ କରିବ। ଏହାର ସିଧାସଳଖ ପ୍ରଭାବ ଭାରତ ଉପରେ ବି ପଡୁଛି । ଏଭଳି କୌଣସି ପ୍ରକାର ଫଣ୍ଡିଂକୁ ମଞ୍ଜୁରି ଦିଆ ନ ଯାଉ ବୋଲି ଭାରତ ଅନୁରୋଧ କରିଛି। ଏହା ପୂର୍ବରୁ ବି ଆଇଏମ୍ଏଫ୍ ଅର୍ଥନୈତିକ ସ୍ଥିରତା ପାଇଁ ପାକିସ୍ତାନକୁ ଏଭଳି ଆର୍ଥିକ ପ୍ୟାକେଜ୍ ଦେଇଛି । ହେବାକୁ ଥିବା ସମୀକ୍ଷା ବୈଠକରେ ଦେଖାଯିବ ଯେ, ଆଗାମୀ କିସ୍ତି ପାଇବା ପାଇଁ ଆବଶ୍ୟକ ମାନକଗୁଡ଼ିକରେ ପାକିସ୍ତାନ ସୁଧାର ଆଣିଛି ଅବା ନୁହେଁ। ୨୦୨୩ରେ ଆଇଏମ୍ଏଫ୍ ପାକିସ୍ତାନକୁ ୭୦୦ କୋଟି ଡଲାର ବା ୬୦ ହଜାର କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରିଥିଲା। ଏହାପରେ ୨୦୨୪ ମାର୍ଚ୍ଚରେ ଜଳବାୟୁ ସମର୍ଥନ ପାଇଁ ଆଉ ୧୧,୦୦୦ କୋଟି ଟଙ୍କା ଦିଆଯାଇଥିଲା। ଏହି ଅର୍ଥରାଶି ଏଭଳି ଦେଶଗୁଡ଼ିକ ପାଇଁ ମହତ୍ତ୍ୱପୂର୍ଣ୍ଣ ଗଣନା କରାଯାଇଥାଏ, ଯାହାର ଅର୍ଥବ୍ୟବସ୍ଥା ୩୫୦୦୦ କୋଟି ଡଲାରରୁ ଅଧିକ। ଭାରତର ବିରୋଧ ପରେ ଯଦି ପାକିସ୍ତାନକୁ ଆର୍ଥିକ ପ୍ୟାକେଜ୍ ମିଳେ ନାହିଁ ତେବେ ଏହା ଭୟଙ୍କର ଆର୍ଥିକ ସଂକଟ ମଧ୍ୟରେ ଫସିଯିବ । ଏବେ ଏହାକୁ ନିଜର ଜରୁରୀ ଖର୍ଚ୍ଚ ପାଇଁ ସହାୟତାର ଢେର ଆବଶ୍ୟକତା ରହିଛି। ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ସଂକଟ ମଧ୍ୟରେ ଫସିଥିବା ପାକିସ୍ତାନକୁ ନିଜର ମୋଟା ଋଣର ସୁଧ ମଧ୍ୟ ପରିଶୋଧ କରିବାକୁ ପଡ଼ିବ ଏବଂ ଏଥିପାଇଁ ଟଙ୍କା ଦରକାର । ଯଦି ଏହାକୁ ଆଇଏମ୍ଏଫ୍‌ରୁ ସହାୟତା ନ ମିଳେ ତେବେ ଏହା ଋଣ ଖିଲାପ କରିବାକୁ ବାଧ୍ୟ ହେବ । ଖାଲି ସେତିକି ନୁହେଁ, ପାକିସ୍ତାନକୁ ଭାରତ ସହ ସୈନ୍ୟ ସଂଘର୍ଷ ପାଇଁ ବି ଟଙ୍କା ଲୋଡ଼ା ଏବଂ ଏହାର ଖାଲି ଭଣ୍ଡାର ପାଇଁ ବର୍ତ୍ତମାନ ଆଇଏମ୍ଏଫ୍ ଋଣ ହିଁ ଭରସା ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ

ଓଁ



ଶ୍ରୀ ଅଭିରାମ ସରସ୍ୱତୀ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। ।୧।

ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। ।୨।

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କଳିର ତରୀ। ।।୩।।
ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚାତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । ୪।

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି । ୫।

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି ।୬।

(କ୍ରମଶଃ)

# ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ



ଲଳିତ ମୋହନ ମିଶ୍ର
ନୟାଗଡ
ମୋ-୯୪୩୭୯୮୫୮୬୬

ନାରୀ ଏକା ଧାର ରେ ଜନନୀ ଜୟା ଓ ଭଗିନୀ। ନାରୀ ବିନା ସୃଷ୍ଟି ହିଁ ଅସମ୍ଭବ। ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ ନିହିତ। ଯଥାର୍ଥରେ ମହିଶୀ ମନୁ କହିଥିଲେ –'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ/ ରମନ୍ତେ ତତ୍ର ଦେବତଃ । ସେ ଶକ୍ତି ସ୍ୱରୂପିଣୀ ଓ ସୃଷ୍ଟିଦାୟିନୀ । ଯାହା ବିନା ଜନ୍ମ ନାହିଁ । ଯାହା ବିନା ଅସ୍ତିତ୍ୱ ନାହିଁ । ସେ ମାଆ । ତାଠୁଁ ସଂସାର ଆରମ୍ଭ ହୁଏ, ତାହାଠି ହିଁ ଶେଷ ହୁଏ । ଯେଉଁ ଡାକରେ ଜୀବନ ଆରମ୍ଭ ହୁଏ, ବ୍ରହ୍ମାଣ୍ଡ ବିଲୀନ ହୁଏ ସେ ନାଁ ହେଉଛି ମାଆ। ମା' ଦୁନିଆର ସବୁଠୁ ମଧୁର ଆଉ ବ୍ୟାପକ ଶବ୍ଦ । କରୁଣାମୟୀ, ସ୍ନେହମୟୀ, ଅଭୟଦାୟିନୀ ଏମିତି ଯେତେ ଅଳଙ୍କାର ଦେଲେ ବି ମାଆ ପାଇଁ କମ୍ ପଡ଼ିବ । ସେ ଅବର୍ଣ୍ଣନୀୟ । ମାଆ ପାଇଁ ଦିନଟିଏ। ଆଜିର ଦିନକୁ ପ୍ରତ୍ୟେକ ମା'ଙ୍କୁ ସମର୍ପିତ କରାଯାଇଥାଏ । ଶବ୍ଦ ସବୁ ଯାହା ପାଇଁ ନିଅଣ୍ଟ କହିବା ଆଗରୁ ବୁଝିଯାଏ, କିଛି ନ କହି, ଯେ ସବୁ କିଛି ସହିଯାଏ । ଦୁନିଆର ସବୁଠୁ ବଡ଼ ଯୋଦ୍ଧା, ସେ ମାଆ । ସବୁଦିନ ତ ମାଆଠୁ ଆରମ୍ଭ ହେଉଛି। ମାଆ ପ୍ରତି ଭଲପାଇବା ଓ ତାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପାଳନ ହେଉଛି ସ୍ୱତନ୍ତ୍ର ଦିନ । ଆଜି ହେଉଛି ବିଶ୍ୱ ମାତୃ ଦିବସ। ପ୍ରତିବର୍ଷ ମେ ମାସ ଦ୍ୱିତୀୟ ରବିବାରକୁ ମାତୃଦିବସ ରୂପେ ପାଳନ କରାଯାଉଛି। ମା'କୁ ସମ୍ମାନ ଦେବା ଲାଗି ପ୍ରଥମେ ଆମେରିକାରେ ମାତୃ ଦିବସର ଆରମ୍ଭ ହୋଇଥିଲା । କଥାରେ ଅଛି "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି" । ଅର୍ଥାତ୍ ମା ଓ ଜନ୍ମ ଭୂମିର ସ୍ଥାନ ଦୁନିଆରେ ସବୁଠୁ ଉଚ୍ଚରେ । ଗୋଟିଏ ମାର ଋଣ କଦାପି ସୁଝି ହୋଇ ପାରେ ନାହିଁ । କାହିଁକି ନା ଯେତେବେଳେ ଗୋଟିଏ ଶିଶୁ ଟିଏ ମାର ଗର୍ଭ ରେ ଭ୍ରୂଣ ଭାବରେ ସ୍ଥାନ ନେଇଥାଏ, ସେତେବେଳେ ହିଁ ମା ନିଜ ଶିଶୁ ପାଇଁ ଅନେକ ସ୍ୱପ୍ନ ଦେଖିଥାଏ । ଯାହାକୁ ସେ ପୂରା କରିବା ପାଇଁ ନିଜର ଜୀବନ, ଯୌବନ ଲଗାଇ ଦେଇଥାଏ। କାହିଁକି ନା ତା ନିକଟ ରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥାଏ ତାର ପିଲାଙ୍କର ଭବିଷ୍ୟତ । ଯେଉଁଥି ପାଇଁ ସେ ଶିଶୁ ଅବସ୍ଥାରେ ନିଜ ଛୁଆ କୁ କୋଳରେ ଧରି ଅନେକ ସ୍ୱପ୍ନ ସଜାଇବାରେ ଲାଗିଥାଏ ।



ସେହି ପୁଣ୍ୟମୟୀ, ସ୍ନେହମୟୀ ଓ କର୍ମ ବୀରା ମା' ପାଇଁ ଆଜି ଦିନଟି ସମର୍ପିତ । ଗୋଟିଏ ମା' ଏକା ଧାରାରେ ନିଜ ପିଲା ମାନଙ୍କ ପାଇଁ ଶିକ୍ଷୟିତ୍ରୀ, ସେବିକା, ରୋଷେଇଆ, ଭଲ ବନ୍ଧୁ, ଦେହ ରକ୍ଷୀ ବା ବଡି ଗାର୍ଡ, ମ୍ୟାଜିକସିଆନ୍ ସବୁକିଛି । ଯେଉଁ ରୂପରେ ଦେଖିବ ମା'କୁ ସେ ସେହି ରୂପରେ ମହାନ୍ । ମା' ଯେଉଁ ରୂପରେ ହେଉନା କାହିଁକି ସେ ସର୍ବଦା ପୂଜ୍ୟା । ଯେପରିକି ଅସହ୍ୟ ଖରାକୁ ସହି ସେ ନିଜ ଛୁଆ ପାଟିରେ ଗଣ୍ଡିଏ ଦାନା ଦେବା ପାଇଁ ଗୋଟିଏ ଶ୍ରମିକ ଭଳି କାମରେ ଲାଗିଯାଏ , ନିଜ ପେଟ ର ଦାନାକୁ ମାରି ନିଜ ଛୁଆଙ୍କ ପେଟ ଭରିଥାଏ । ରାତି ରାତି ଅନିଦ୍ରା ହୋଇ ରୋଗୀଣା ଛୁଆ ର ଶେଯ ପାଖରେ ଗୋଟିଏ ସେବିକା ଭଳି ବସି ରୁହେ । କିନ୍ତୁ ତା ପାଟିରୁ ଟିକେ ହେଲେ ଯନ୍ତ୍ରଣା ର ଚିତ୍କାର କେହି ଶୁଣି ପାରନ୍ତି ନାହିଁ । ନିଜ ପିଲାଙ୍କ ପ୍ରତି ଯାହାବି ବିପଦ ଆସିଥାଏ ସାମ୍ନାରେ ଛାତି ଦେଖେଇ ଗୋଟିଏ ବୀର ନାରୀ ଭଳି ଠିଆ ହୋଇଯାଏ । ସତରେ ଏହି ମା'ର ମହତ୍ତ୍ୱ ଖୁବ୍ ଉର୍ଦ୍ଧ୍ୱରେ ।

ପୃଥିବୀ ଇତିହାସରେ ମାତୃ ଦିବସ:- ଏହି ମାତୃ ଦିବସ ଦିନଟି କୁ ପାଳନ କରିବାର ଶ୍ରେୟ ଯାଉଛି ଆମେରିକାର ଐନା ଏମ ଜାରଭିସ୍‌ଙ୍କୁ , ଯିଏ କି ଆମେରିକାର ୱେଷ୍ଟ ଭର୍ଜିନିଆ ରେ ଜନ୍ମ ନେଇଥିଲେ । ଐନାଙ୍କ ମା'ଅନ୍ନା ଗୋଟିଏ ସ୍କୁଲ୍ ରେ ଶିକ୍ଷୟିତ୍ରୀ ଥିଲେ। ଏକଦା ସେ ସ୍କୁଲ୍ ରେ ପଢ଼ାଉଥିବା ସମୟରେ କହିଥିଲେ ଯେ ଗୋଟିଏ ଦିନ ଏଭଳି ଆସିବ, ଯେଉଁ ଦିନଟି ମା'ଙ୍କ ନାମରେ ପାଳିତ ହେବ ।

ଐନା ନିଜ ମା'ଙ୍କ ନିଧନ ପରେ ସେ ନିଜ ସାଙ୍ଗ ମାନଙ୍କ ସହିତ ମିଶି ଗୋଟିଏ ଅଭିଯାନ ଆରମ୍ଭ କଲେ। ଯେଉଁଥିରେ ମାତୃ ଦିବସ ଦିନ ରାଷ୍ଟ୍ରୀୟ ଛୁଟି ଘୋଷଣା ହେଉ ବୋଲି କୁହାଯାଇଥିଲା । ଐନା ଏଥିପାଇଁ କରିବାକୁ ଚାହୁଁଥିଲେ କାହିଁକି ନା ପିଲାମାନେ ତାଙ୍କ ମା' ଜୀବିତ ଥିବା ସମୟରେ ଏହି ଦିନଟିକୁ ପାଳନ କରିବେ । ପ୍ରଥମ ମାତୃ ଦିବସ ମଇ ମାସ ୮ ତାରିଖ ୧୯୧୪ ରେ ପାଳିତ ହୋଇଥିଲା । ଏନା ଜାର୍ଭିସ୍ ନାମକ ଜଣେ ଆମେରିକୀୟ ମହିଳା ପ୍ରଥମେ ଗଣ୍ଟସ୍ୱଷରକ୍ୱ'ସ୍ୱ ଉବଚ ବା ମାତୃ ଦିବସ ପାଳନ କରିବା ଆରମ୍ଭ କରିଥିଲେ। ଏନା ଜାର୍ଭିସ୍ ନିଜ ମାଆଙ୍କୁ ବହୁତ୍ ଭଲ ପାଉଥିଲେ। ତାଙ୍କ ମାଆଙ୍କ ଦେହାନ୍ତ ପରେ ସେ ବିବାହ ନକରିବା ପାଇଁ ନିଷ୍ପତ୍ତି ନେଇଥିଲେ। ମାତୃ ଦିବସକୁ ଔପଚାରିକ ଭାବେ ପାଳନ ପାଇଁ ଆମେରିକା ସଂସଦରେ ଏକ ସ୍ୱତନ୍ତ୍ର ବିଲ୍ ପାସ କରାଯାଇଥିଲା। ସେହି ଦିନଠାରୁ ପ୍ରତ୍ୟେକ ବର୍ଷ ମେ' ମାସ ଦ୍ୱିତୀୟ ରବିବାର ଦିନ ମଦର୍ସ ଡେ ବା ମାତୃ ଦିବସ ପାଳନ କରାଯାଉଛି। ବର୍ତ୍ତମାନ ସମୟରେ ଆମେରିକା ଛଡ଼ା ୟୁରୋପ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ , କାନାଡା ,ଜାପାନ ସମେତ ଅନ୍ୟ କିଛି ଦେଶ ମାନଙ୍କରେ ମଦର୍ସ ଡେ ପାଳନ କରାଯାଉଛି। ଆଜିର ବ୍ୟସ୍ତ ବହୁଳ ଜୀବନ ରେ ଆମେ ନିଜ ମା' ପାଇଁ ଗୋଟିଏ ଦିନ ବାହାର କରିବା ଅସମ୍ଭବ ହେଉଛି , କିନ୍ତୁ ଏହି ମଇ ମାସ ର ଦ୍ୱିତୀୟ ରବିବାର ଦିନ ଟି ସମସ୍ତ ମା' ମାନଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖିଛି । ସାମାନ୍ୟ ଆଘାତ ହେଉ କିମ୍ବା ଗଭୀର ଆଘାତ ଲାଗେ, ତେବେ ପାଟିରୁ ସଙ୍ଗେ ସଙ୍ଗେ 'ଓ ମା.., ମା ଲୋ, ମମି ଲୋ.., ମାମା ଲୋ... ବୋଉ..ଲୋ' ବାହାରିଆସେ। ଯଦି ମାଆ ତାର ସନ୍ତାନର ମନପ୍ରାଣରେ ସବୁବେଳେ ଅଛି। ଏମିତି ତ ସବୁଦିନ ମା'ଙ୍କର, ତେଣୁ ନିଜ ମାଆଙ୍କୁ ମନେ ପକାଇବା ପାଇଁ କୌଣସି ସ୍ୱତନ୍ତ୍ର ଦିନ ଓ ଖାସ କାରଣ କିଛି ନଥାଏ। ମାଆ ଏମିତି ଜଣେ ମଣିଷ ଯିଏ ସନ୍ତାନର ସୁଖ-ଦୁଃଖ, ଭଲ-ମନ୍ଦ, ସଫଳତା ବିଫଳତା ସବୁ ସମୟରେ ମନେ ପଡ଼ିଥାଏ। ଯଦି ମାଆ ତାର ସନ୍ତାନର ମନପ୍ରାଣରେ ସବୁବେଳେ ଅଛି। ମାଆ ଆମକୁ ଜୀବନ ଦେବା ସହ ଜୀବନ ସାରା ନିଶ୍ୱାର୍ଥପର ଭଲପାଇବା ଏବଂ ଶିକ୍ଷା ଦେଇଥାଏ । ପ୍ରକୃତରେ ଆମ ମାଆ ମାନଙ୍କର ବଳିଦାନକୁ ସମ୍ମାନ ଦେବା ପାଇଁ ଏହିଦିନ ଯଥେଷ୍ଟ ନୁହେଁ। ହେଲେ ଦୁନିଆ ସାରା ପ୍ରତି ବର୍ଷ ମେ' ମାସର ଦ୍ୱିତୀୟ ରବିବାର ଦିନକୁ ମାତୃତ୍ୱ ଦିବସ ରୂପେ ପାଳନ କରାଯାଏ । ପ୍ରକୃତରେ ଆଜିକାଲିର ସମୟ ହେଉଛି ବ୍ୟସ୍ତ ବହୁଳ ସମୟ, ପାଠପଢା ଏବଂ ଚାକିରି ପାଇଁ ପିଲାମାନେ ପରିବାରକୁ ଛାଡି ବାହାରେ ରହୁଛନ୍ତି । ତେଣୁ ଖାସକରି ମାଆକୁ ଏହି ଦିନଟି ଉତ୍ସର୍ଗୀକୃତ କରାଯାଏ । ବର୍ତ୍ତମାନ ସୋସିଆଲ ମିଡିଆରେ ଏହା ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ନିଜ ମାଆଙ୍କ ସହ ଫଟୋ ଉଠାଇ ହାପି ମଦର୍ସ ଡେ କହି ଏହି ଦିନକୁ ଖୁବ୍ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି ।

# 'ମା'



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

'ମା' ସବୁଠାରୁ ମିଠା ଶବ୍ଦ ଟିଏ । 'ମା' ସବୁଠାରୁ ପ୍ରିୟ ମଣିଷ ଟିଏ କେବଳ ମଣିଷ ନୁହେ ପଶୁ ପକ୍ଷୀ ମଧ୍ୟ ନିଜର ବାତ୍ସଲ୍ୟ ସମୟ 'ମା' କୋଳରେ ବିତାଇ ଥାନ୍ତି । 'ମା'ର ସ୍ନେହ ସବୁଠାରୁ ଅଲଗା । ନିଃସ୍ୱାର୍ଥ ପର ଭାବରେ 'ମା' ନିଜ ସନ୍ତାନକୁ ଭଲ ପାଇଥାଏ । ନିଜ ସନ୍ତାନର ମଙ୍ଗଳ ପାଇଁ ଅନେକ ବ୍ରତ ଉପବାସ ଓ ପୂଜା କରିଥାଏ । ମା'ର ଋଣ ଆମେ କେବେ ହେଲେ ଶୁଝିପାରିବା ନାହି। ସନ୍ତାନକୁ କିପରି ଦୁନିଆ ଦାଣ୍ଡରେ ମଣିଷ କରି ଠିଆ କରିବ ସେଥିପାଇଁ ମା ପୁରା ଜୀବନ ବାଜି ଲଗେଇଦିଏ। ଆମ ଦେଶରେ କେଉଁ ଆଦିମ କାଳରୁ ମାତୃଶକ୍ତିର ଆରାଧାନା ହୋଇଚାଲିଛି। ଶକ୍ତିର ପ୍ରତୀକ ହେଲେ ମା' ଦୁର୍ଗା । ଜ୍ଞାନର ପ୍ରତୀକ ହେଲେ ମା' ସରସ୍ୱତୀ। ସୌଭାଗ୍ୟର ପ୍ରତୀକ ହେଲେ ମା' ଲକ୍ଷ୍ମୀ। ଏହି ସମସ୍ତଙ୍କ ଆରାଧନା ଆମମାନଙ୍କ ଘରେ ହୋଇଥାଏ । ଈଶ୍ୱରଙ୍କ ସୃଷ୍ଟିର ସବୁଠାରୁ ଶ୍ରେଷ୍ଠ ସୃଷ୍ଟି ମା'ର ସ୍ନେହ ଓ ମମତା ତା ବିନା ଆମ ଜୀବନ ଶୁଷ୍କ ମନେ ହୁଏ । ଜୀବନ ଯୁଦ୍ଧରେ ଆମେ ଯେତେବେଳେ କ୍ଷତାକ୍ତ ହେଉ ସେତେବେଳେ ମା'ର କାନିପଣତ ତଳେ ଶାନ୍ତି ପାଇଥାଉ । ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷ ରେ ମା ଏକ ଅଲଗା ଅସ୍ତିତ୍ୱ। ସେହି ଅସ୍ତିତ୍ୱ ସହିତ ବିଶ୍ୱର ସମସ୍ତ ସମ୍ପତ୍ତି ତୁଚ୍ଛ ।

ଭାରତୀୟ ସଂସ୍କୃତିରେ ମା'ର ସମ୍ମାନ ସବୁଠାରୁ ଉର୍ଦ୍ଧ୍ୱ ରେ । ଭଗବାନ ଶ୍ରୀକୃଷ୍ଣଙ୍କୁ ମଧ୍ୟ ତାଙ୍କର ପାଳିତ ମା 'ଯଶୋଦାଙ୍କ ନାମ ସହିତ ଯୋଡି ଦିଆ ଯାଇଥାଏ । ଶ୍ରୀ କୃଷ୍ଣଙ୍କୁ ଯୋଶୋଦା ନନ୍ଦନ' କହି ସମ୍ବୋଧନ କରାଯାଇ ଥାଏ ଏବଂ ଜନ୍ମ କରୁଥିବା ମା' ଦେବକୀଙ୍କ ନାମ ସହିତ ଯୋଡିଦିଆ ଯାଇ ଦେବକୀ ପୁତ୍ର ବୋଲି ମଧ୍ୟ କୁହା ଯାଇଥାଏ । ସେହିପରି ଅର୍ଜ୍ଜୁନଙ୍କୁ ମଧ୍ୟ କୌନ୍ତେୟ କହି ସମ୍ବୋଧନ କରାଯାଇଛି । ମା ସହିତ ତା ସନ୍ତାନର ସମ୍ପର୍କ ଅତି ନିବିଡ । କୁହାଯାଏ ଯେ ଗାନ୍ଧୀଙ୍କ ମହାନ ବ୍ୟକ୍ତିତ୍ୱ ର ପଛରେ ତାଙ୍କ ମା ପୁତୁଳି ବାଇଙ୍କ ପ୍ରେରଣା ରହିଥିଲା। ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ସହିତ ମଦର ମେରୀଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳିଥାଏ। ମଦର ମେରୀ ଓ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ମା ଓ ତାର ସନ୍ତାନର ସଂପର୍କର ନିବିଡତାକୁ ଦର୍ଶାଇ ଥାଏ।

ଆମେ ଆମର ଭାଷାକୁ 'ମାତୃଭାଷା' କହୁ ସେହିପରି ଜନ୍ମଭୂମିକୁ ଆମେ ମାତୃଭୂମି କହିଥାଉ। ଜନ୍ମ ଭୂମି ଓ ମାତୃଭାଷା ଉଭୟେ ଆମ ପାଇଁ ଅତିପ୍ରିୟ।

ତେଣୁ ଆମ ପାଇଁ ' ମାତୃଦିବସ ' ବା ମଦରର୍ସ ଡ଼େ ନିଶ୍ଚିତ ଭାବରେ ଏକ ସ୍ୱତନ୍ତ୍ର ଦିବସ। ଆମର ସଂଘର୍ଷମୟ ଜୀବନ ଭିତରେ ଆମେ ମା'ର ଅବଦାନକୁ ଭୁଲିଯାଇ ଥାଉ ଯାହା ଆମେ କେବେବି ଭୁଲିବା କଥା ନୁହେଁ । ଆଜିର ଆମର ସ୍ଥିତି ପଛରେ ମା'ର ତ୍ୟାଗ ଓ ବଳିଦାନର ପାହାଡ ଠିଆ ହୋଇଛି । ଆମେ ଜୀବନରେ କେତେ ସଫଳ ହୋଇଛୁ ବା ବିଫଳ ହେଇଛୁ ତାହା ମୂଲ୍ୟହୀନ କିନ୍ତୁ ଆମ ସମସ୍ତଙ୍କ ପଛରେ ମା'ର ଆଶୀର୍ବାଦର ହାତ ସବୁବେଳେ ରହିଛି । 'ମଦରର୍ସ ଡ଼େ' ପରି ଗୋଟିଏ ବିଚାର ପ୍ରଥମ ଥର ପାଇଁ ଆମେରିକାର ଅନ୍ନା ଜାରଭିସଙ୍କ ମନରେ ଆସିଥିଲା । ଆମେରିକାରେ ଆନ୍ନା ଜାରଭିସଙ୍କ ଦ୍ୱାରା ପ୍ରଥମ ଥର ମଦରର୍ସ ଡ଼େ ପାଳନ କରାଯାଇଥିଲା। ଆନ୍ନା ଜାରଭିସ ନିଜ ମାଙ୍କର ମୃତ୍ୟୁର ତିନି ବର୍ଷ ପରେ ପ୍ରଥମେ ମଦରର୍ସ ଡେ଼' ପାଳନ କରିଥିଲେ । ଏହାଥିଲା ଆନ୍ତର୍ଜାତୀୟ ମଦରର୍ସ ଡ଼େ। ଆନ୍ନା ଜାରଭିସଙ୍କ ମା ଚାହିଁଥିଲେ ଯେ ବିଶ୍ୱର ସମସ୍ତ ମା'ଙ୍କ ଅବଦାନକୁ ମନେ ରଖିବା ପାଇଁ ଗୋଟିଏ ଦିନ ପାଳନ କରାଯାଉ। ଆନ୍ନାଙ୍କ ମତରେ ଏହା ବ୍ୟକ୍ତିଗତ ହେବାକଥା । ଯେଉଠି ଜନ୍ମଦାତ୍ରୀ ଓ ତା ସନ୍ତାନ ମାନେ ନିଜ ଭିତରେ ଏହାକୁ ପାଳନ କରିବେ । ସେମାନଙ୍କ ଭିତରେ ଥିବା ନିବିଡ ତା ଅନ୍ୟକୁ ଦେଖାଇ ବା ପାଇଁ ନୁହେଁ ।

ବିଶ୍ୱର ସମସ୍ତ ମହାପୁରୁଷ କୌଣସି ନା କୌଣସି ମା ଠାରୁ ଜନ୍ମ ନେଇଛନ୍ତି । ନିଜର ଆସହାୟ ଶୈଶବକୁ ମା' କୋଳରେ ବିତାଇଛନ୍ତି। 'ମା' ଗୋଟିଏ ଅକ୍ଷର ବିଶ୍ୱର ସମସ୍ତ ସୁଖ ଓ ଶାନ୍ତିକୁ ଧରିରଖିଛି । ଯେଉଁ ମାନଙ୍କର ଶୈଶବ ବିନା ମା'ରେ କଟିଛି କେବଳ ସେମାନେ ବୁଝି ପାରିବେ ଯେ ମା ବିନା ଜୀବନ କିପରି ଅସମ୍ପୂର୍ଣ୍ଣ। ଗତ ଦୁଇ ବର୍ଷ କରୋନା ତାର କାୟା ବିସ୍ତାର କରିଥିଲା ଯାହା ପାଇଁ ଅନେକ ନିରୀହ ପିଲା ମାନେ ନିଜ ମା' ଏବଂ ବାପାଙ୍କୁ ହରେଇଥିଲେ। ସେହି ସମୟରେ ଓଡିଶା ସରକାରଙ୍କ ଦ୍ୱାରା ଗ୍ରୀନ ପ୍ୟାସେଜ ଯୋଜନା ଅଣାଯାଇଥିଲା ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହି ଯୋଜନାରେ ବାପା ମା'ଙ୍କୁ ହରାଇଥିବା ପିଲାମାନଙ୍କ ପାଇଁ ସରକାର ରହିବା ଖାଇବା ପଢିବାର ଦାଇତ୍ୱ ତୁଲେଇ ଛନ୍ତି। ଦୁଃଖର ବିଷୟ ଆଜି ଆମ ସମାଜରେ ବୁଢାବୁଢୀ ବାପା ମାଙ୍କ ଦାଇତ୍ୱ ନେବା ପାଇଁ ପିଲାମାନେ ଚାହୁଁନାହାନ୍ତି । ବାପା ମା ନିଜର ଶେଷ ସମୟ ବୃଦ୍ଧାଶ୍ରମରେ କାଟିବା କୁ ବାଧ୍ୟ ହେଉଛନ୍ତି। ପରିବାରରେ କାହା ପାଖରେ ସମୟ ନାହିଁ ବୁଢାବୁଢୀଙ୍କ ସହିତ କିଛି ସମୟ ବିତାଇବା ପାଇଁ। ଆମର ସାମାଜିକ ଜୀବନରେ ଯେଉଁ ସୁନ୍ଦରତା ଥିଲା ତାହା ଆଉ ରହିଲା ନାହିଁ। ଏହା ନିଶ୍ଚିତ ଭାବରେ ଦୁଃଖର ବିଷୟ । ବାର୍ଦ୍ଧକ୍ୟ ଜୀବନର ଚିରନ୍ତନ ସତ୍ୟ । ଆଜି ଯିଏ ଯୁବକ କାଲି ସିଏ ବୁଢା ହେବ। କାଲି ଯିଏ ଯୁବକ ଥିଲା ଆଜି ସିଏ ବୁଢା ହେଇଛି । ଏହି ମାତୃଦିବସରେ ସମସ୍ତ ମାତୃ ସମାଜକୁ ଯଦି ଆମେ ସମ୍ମାନିତ କରିପାରିବା ତାହେଲେ ନିଜକୁ ଭାଗ୍ୟବାନ ମନେ କରିବା । ମା' ମାନଙ୍କୁ ଅସହାୟ ହୋଇ ନିଜ ଶେଷ ଜୀବନକୁ ନିଃସଙ୍ଗ ହୋଇ କଟେଇବାକୁ ପଡିବ ନାହିଁ । କୌଣସି ମା' ନିଜକୁ ଅଦରକାରୀ ମନେ ନ କରୁ। ଯେତେବେଳେ ମା' ପାଖରେ ଶକ୍ତି ଥିଲା ସିଏ ତାର ସମସ୍ତ ଶକ୍ତି ଲଗାଇ ପିଲାମାନଙ୍କୁ ମଣିଷ କରିଛି। ସେଥିପାଇଁ ମାତୃଶକ୍ତି ଆଗରେ ମଣିଷ ସମାଜ ନତମସ୍ତକ ରହିବ ।

# ମନଖୋଲି ହସନ୍ତୁ, ସୁସ୍ଥ ରୁହନ୍ତୁ



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ହସ ଗୋଟିଏ ଔଷଧ, ଏହାକୁ ମୁହଁରେ ଫୁଟାଇବାକୁ ପଇସା ପଡେନାହିଁ । ମାତ୍ର ହସି ହସାଇ ପାରିଲେ ରାଗ, ଅଭିମାନ, ଅସନ୍ତୋଷ ଓ ଦୁଶ୍ଚିନ୍ତା ଭଳି ବଡ ବଡ ରୋଗକୁ ସହଜରେ ଦୂର କରି ଦିଆଯାଇପାରେ । ଅପରନ୍ତୁ ଆଜିକାଲିର ଅସହିଷ୍ଣୁତା, ସ୍ୱାର୍ଥପରତା, ପରଶ୍ରୀକାତରତା ଓ ଅଶାନ୍ତିଭରା ସମାଜରେ ଜଣେ ଜଣକୁ ହସାଇ ପାରିବା ଏକ ମହତ କାର୍ଯ୍ୟ ବୋଲିବାକୁ ହେବ । ହସି ହସାଇବା ଏକ କଷ୍ଟକର କାର୍ଯ୍ୟ ନୁହେଁ । ମାତ୍ର ଦୁଃଖର ବିଷୟ ଆଜିକାଲି କାହାରି ମୁହଁରେ ଈଶ୍ୱର ଦତ୍ତ ଏହି ଅମୂଲ୍ୟ ସଂପଦ 'ହସ ଟିକିଏ' ଦେଖିବାକୁ ମିଳୁନାହିଁ । ଆଜିର ମଣିଷ ଶହ ଶହ ଏକର ଜମିର ଅଧିକାରୀ ହେବା ସହିତ ,ଦାମିକା ମୋଟର ଗାଡି, ସୁରମ୍ୟ ପ୍ରାସାଦ, ବ୍ୟାଙ୍କ ବାଲାନ୍ସ, ପିଲାମାନଙ୍କର ବିଦେଶରେ ଚାକିରୀ ଓ ମାସକୁ ଚାରି/ପାଞ୍ଚ ଲକ୍ଷ ଟଙ୍କା ରୋଜଗାର ଭଳି ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଭିତରେ ରହୁଥିଲେହେଁ ମୁହଁରେ ଟିକିଏ ହସ ନାହିଁ କାହିଁକି ?

ବିସ୍ତାରିତ ହସଦ୍ୱାରା ଆମ ଶରୀରର ସମସ୍ତ ତନ୍ତ୍ର ଓ କ୍ରିୟାର ଶୋଧନ ହୋଇ ରକ୍ତ ସଞ୍ଚାର ବଢିଯାଏ, ସ୍ନାୟୁତନ୍ତ୍ର ସୁଦୃଢ ହୁଏ ଯଦ୍ୱାରା ଅନେକ ରୋଗ ମନକୁ ମନ ଭଲ ହୋଇଯାଇଥାଏ। ଦୈନିକ ୧୫ ରୁ ୨୦ ମିନିଟ ଦୃଢ ନିଶ୍ୱାସ ସହିତ ମନଖୋଲା ହସିପାରିଲେ ହୃଦରୋଗ, ଥଣ୍ଡା, କାଶ, ଶ୍ୱାସ, ପେପ୍‌ଟିକ ଅଲସର, ଅନିଦ୍ରାଜନିତ ରୋଗ , ଏଲର୍ଜି , ମନର ଉଦାସୀନତା ଓ ସ୍ନାୟୁ ରୋଗରେ ଉପଶମ ମିଳିଥାଏ । ମଜାର କଥାହେଉଛି ହସିବା ପାଇ 'କିଛି ଚତୁରତା କିମ୍ବା ଉପକରଣର ଆବଶ୍ୟକ ହୋଇ ନ ଥାଏ' । ସକାଳୁ ଉଠି ଖୋଲା ମନରେ ନିଜର ଚତୁଃପାର୍ଶ୍ୱକୁ ଚାହିଁ ଦେଖନ୍ତୁ, ଈଶ୍ୱରଙ୍କ ସୃଷ୍ଟିକୁ ଅନୁଭବ କରନ୍ତୁ- ହସ ଓ ଆନନ୍ଦର ଅନେକ 'ମାଗଣା ଉପକରଣ' ଆପଣ ପାଇଯିବେ । କାରଣ ଈଶ୍ୱର ଆମର ଖୁସି ଓ ଆନନ୍ଦ ପାଇଁ ଅଜସ୍ର ଉପାଦାନ ଅଜାଡି ଦେଇଛନ୍ତି । ଟିକିଏ ମନ ଲଗାଇ ଖୋଜନ୍ତୁ, ପାଇଯିବେ । ସେଥିପାଇଁ ହସର କ୍ଲବ ଯିବାର ଆବଶ୍ୟକତା ନାହିଁ



ଏଇମିତି ଜଣେ ହସକୁରା ଯୁବକର ଜୀବନ କାହାଣୀ, ଯିଏ ହସ ବିକି ପେଟ ପୋଷୁଥିଲା। ଏହା ସତ୍ୟ ଘଟଣା । ବହୁତ ଦିନ ତଳେ ଯୁକ୍ତରାଷ୍ଟ୍ର ଆମେରିକାର କ୍ଲିଭଲାଣ୍ଡରେ 'ରିଚାର୍ଡ଼' ନାମକ ଜଣେ ୩୭ ବର୍ଷିୟ ଯୁବକ ଥିଲା। ସେ ଶିକ୍ଷିତ, ସଚ୍ଚରିତ୍ର, ପରିଶ୍ରମୀ ଓ ସାଧୁ ପ୍ରକୃତିର ଯୁବକ ହୋଇଥିଲେ ହେଁ ନିଜର ଏକମାତ୍ର ବଦ୍‌ଗୁଣ ହେତୁ କୌଣସି ଚାକିରୀ ବା ଠିକା କାମରେ ଦୀର୍ଘଦିନ ତିଷ୍ଠିପାରୁ ନଥିଲା। ତା'ର ବଦ୍‌ଗୁଣଟି ହେଲା 'ହସିବା'। ସେ
ନିଜେ ସବୁବେଳେ ହସୁଥିଲା ଓ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ହସାଉଥିଲା। ସେଥିପାଇଁ ଅନ୍ୟମାନଙ୍କ କାର୍ଯ୍ୟରେ ବାଧାସୃଷ୍ଟି ଅଭିଯୋଗରେ ତାକୁ କାର୍ଯ୍ୟରୁ ଅନ୍ତର କରି ଦିଆଯାଉଥିଲା। ରିଚାର୍ଡ଼ ପୁନର୍ବାର ଅନ୍ୟ ସ୍ଥାନରେ ଚାକିରୀ ଖୋଜୁଥିଲା। ଏଭଳି ବାରମ୍ବାର ଘଟୁଥିବାରୁ ରିଚାର୍ଡ଼ ସ୍ଥିର କଲା ଯେ ସେ ଆଉ ଚାକିରୀ କରିବ ନାହିଁ। ତେବେ କରିବ କ'ଣ ? ବଞ୍ଚିବ କେମିତି ?

କିଛି କୂଳକିନାରା ନ ପାଇ ଘୁରି ବୁଲୁଥିବା ବେଳେ ଦିନେ ରିଚାର୍ଡ଼ ସହିତ ତା'ର ଜନୈକ ପୁରାତନ ସହକର୍ମୀଙ୍କର ଦେଖାହେଲା। ବେରୋଜଗାରୀ ଓ ଅର୍ଥାଭାବର କଷ୍ଟ ଭିତରେ ଘାଣ୍ଟି ହେଉଥିବା ରିଚାର୍ଡ଼ର ହସ ହସ ମୁହଁ ଓ ହସକଥା ଶୁଣି ବନ୍ଧୁଜଣକ ଖୁବ୍ ହସିଲେ। ବିଦାୟ ନେଲାବେଳେ ଥଟ୍ଟାରେ କହିଗଲେ, 'ରିଚାର୍ଡ଼, ତୁମେ ଏଇ ହସର ବ୍ୟବସାୟ କରୁନ କାହିଁକି ? ଭଲ ରୋଜଗାର ହେବ ।'

ବନ୍ଧୁଙ୍କର ଏହି ଖାମଖିଆଲି ପରାମର୍ଶ ରିଚାର୍ଡ଼ର ମନ ଉପରେ ଗଭୀର ପ୍ରଭାବ ପକାଇଲା। ଭାବିଚିନ୍ତି ସେ ନିଜର ବ୍ୟବସାୟ ଆରମ୍ଭ କଲା । ରାସ୍ତାକଡ଼ ଫୁଟପାଥ୍‌ରେ ଗୋଟିଏ ସାଇନ୍‌ବୋର୍ଡ଼ ମାରିଦେଲା। ସେଥିରେ ଲେଖାଥିଲା, 'ଏଠାରେ ଖୁବ୍ ଶସ୍ତାଦରରେ ହସ ବିକ୍ରି ହୁଏ । ମୂଲ୍ୟ ମାତ୍ର ୫୦ ସେଂଟ। ଅଧିକ ମଜାଦାର ଓ ସ୍ପେଶାଲ ହସକଥା ପାଇଁ ୫୦ ଡଲାର ଦେବାକୁ ପଡ଼ିବ।'

ସେହିଦିନ ଠାରୁ ରିଚାର୍ଡ଼ ଅର୍ଥ ବିନିମୟରେ ଗ୍ରାହକମାନଙ୍କୁ ସୁନ୍ଦର ସୁନ୍ଦର ହସକଥା କହେ। ତା' କଥା ଭିତରେ ଆମେରିକା ପ୍ରେସିଡେଣ୍ଟଙ୍କ ଠାରୁ ଆରମ୍ଭ ହୋଇ ସଦ୍ଦାମ ହୁସେନଙ୍କ ପ୍ରଶାସନ ଏବଂ ଭିନ୍ନ ଭିନ୍ନ କିସମର ପ୍ରେମକାହାଣୀ ଇତ୍ୟାଦି ଭରି ରହିଥାଏ। ଶ୍ରୋତାମାନେ ଶୁଣନ୍ତି। ରିଚାର୍ଡ଼ର କଥା ଶୁଣି ହସନ୍ତି। କେବଳ ହସକଥାରେ ଶ୍ରୋତାମାନଙ୍କୁ ମନୋରଂଜନ କରି ସକାଳେ ୪ ଘଣ୍ଟା ଓ ସଂଧ୍ୟାରେ ଚାରି ଘଣ୍ଟାର ପରିଶ୍ରମ ବିନିମୟରେ ସେ ଦିନକୁ ୨୦ ରୁ ୨୫ ଡଲାର ପର୍ଯ୍ୟନ୍ତ ଅର୍ଥ ରୋଜଗାର କରିଥାଏ। ସେଥିରେ ସେ ଆରାମରେ ଚଳିଯାଏ । ମାତ୍ର ତା'ର ଦୁଃଖ, ତାର ହସକଥା ଶୁଣି ୫୦ ଡଲାର ଦେଲାଭଳି ଜଣେ ହେଲେ ଗ୍ରାହକ ଏଯାଏଁ ଜୁଟି ନାହାନ୍ତି।

ଥରେ ଗୋଟିଏ ଟିଭି କମ୍ପାନୀ ତରଫରୁ ରିଚାର୍ଡ଼ର ଇଣ୍ଟରଭ୍ୟୁ ନିଆଯାଉଥାଏ। ପ୍ରଶ୍ନ କରୁଥିବା ସୁନ୍ଦରୀ ଯୁବତୀ 'ଏଲିନା' କାର୍ଯ୍ୟକ୍ରମ ଶେଷ ଆଡ଼କୁ ହସି ହସି ପଚାରିଲେ, 'ଆଚ୍ଛା, ତୁମେ ତ ପ୍ରତିଦିନ ଏଇମିତି ଶହ ଶହ ହସକଥା କହୁଛ। ତେବେ ତୁମ ପାଖରେ ଏତେ ଗୁଡ଼ାଏ ହସକଥାର 'ଷ୍ଟକ' ଆସୁଛି କେଉଁଠୁ ?' ଏଲିନାଙ୍କ କଥା ଶୁଣି ରିଚାର୍ଡ଼ ଗମ୍ଭୀର ସ୍ୱରରେ କହିଲା 'ମ୍ୟାଡ଼ାମ୍, ଏଇଟା ମୋର ବିଜିନେସ୍ ସିକ୍ରେଟ। କାହାକୁ କହିବେନି ବୋଲି ପ୍ରତିଶ୍ରୁତି ମିଳିଲେ, ମୁଁ କହିବି।' ଏଲିନା ପ୍ରତିଶ୍ରୁତି ଦେଲେ।

ରିଚାର୍ଡ଼ କହିଲା, 'ଏଇଟା କିଛି ବଡ଼କଥା ନୁହେଁ। ମୋଠାରୁ ହସକଥା ଶୁଣି ଅନେକ ଗ୍ରାହକ ଏଭଳି ବିଭୋର ହୋଇପଡ଼ନ୍ତି ଯେ ସେମାନେ ନିଜେ ନିଜେ ଅନେକ ହସ କଥା କହିପକାନ୍ତି। ସେ ସବୁ ମୁଁ ଶୁଣି ମନେରଖି ଅନ୍ୟ ଗ୍ରାହକମାନଙ୍କୁ ଶୁଣାଏ।' ଏହାହିଁ ମୋର ବିଜନେସ ସିକ୍ରେଟ । ଏ କଥା ଶୁଣି ଏଲିନା ଠୋ ଠୋ ହୋଇ ହସି ଉଠିଲେ। ସେ ଏତେ ଜୋରରେ ହସିଲେ ଯେ ରାସ୍ତା କଡ଼ରେ ବହୁ ଲୋକ ଜମା ହୋଇଗଲେ। ରିଚାର୍ଡ଼ କହିଲା, 'ମ୍ୟାଡ଼ାମ୍! ମୋ କଥାଶୁଣି ଏତେ ଜୋର୍‌ରେ କେହି ହସି ନଥିଲେ। ଏଇଟା ମୋର ସ୍ପେଶାଲ ହସ କଥା। ତେଣୁ ମୋ ପାଉଣା ୫୦ ଡଲାର ଦିଅନ୍ତୁ। ରିଚାର୍ଡ଼ଙ୍କ ଠାରୁ ପ୍ରଥମ ସ୍ପେଶାଲ ହସକଥା ଶୁଣି ପେଟଚିପି ହସି ହସି ଗଡ଼ି ଯାଉଥିଲେ 'ଏଲିନା'। ରିଚାର୍ଡ଼ କିନ୍ତୁ ଏହି ପ୍ରଥମ ଗ୍ରାହକଙ୍କ ଠାରୁ 'ସ୍ପେଶାଲ ହସକଥା'ର ପାଉଣା ପଚାଶ ଡଲାର ଆଦାୟ ନ କରି ଛାଡ଼ି ନଥିଲେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଭାରତର ଘନଘନ ଆକ୍ରମଣ ପରେ ପାକିସ୍ତାନରେ ହାହାକାର ସ୍ଥିତି



ଇସ୍ଲାମାବାଦ

ଭାରତର ଘନଘନ ଆକ୍ରମଣ ପରେ ପାକିସ୍ତାନରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ନେତାମାନେ ଭୟଭୀତ ହୋଇ ଦେଶର ସରକାରଙ୍କ ଉପରେ ଅଙ୍ଗୁଳି ଉଠାଇବାରେ ଲାଗିଛନ୍ତି । ପାକିସ୍ତାନୀ ସଂସଦରେ ଜଣକ ପରେ ଜଣେ ସାଂସଦ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି । ସଦ୍ୟ ଘଟଣାରେ ସାଂସଦ ଶାହିଦ ଖଟ୍ଟରଙ୍କର ଏକ ଭିଡିଓ ଭାଇରାଲ୍ ହୋଇଛି । ଏଥିରେ ସେ ପାକିସ୍ତାନୀ ସରକାର ଏବଂ ପ୍ରଧାନମନ୍ତ୍ରୀ ଶାହବାଜଙ୍କୁ ସିଧାସଳଖ ଟାର୍ଗେଟ୍ କରିଛନ୍ତି । ସେ ଶାହବାଜଙ୍କୁ କାପୁରୁଷ କହି ସମାଲୋଚନା କରିଛନ୍ତି । କହିଛନ୍ତି, ଆମ ପ୍ରଧାନମନ୍ତ୍ରୀ ଜଣେ କାପୁରୁଷ । ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ନେବାକୁ ଭୟ କରୁଛନ୍ତି । ଯଦି ଏକ ଦେଶର ନେତା ହିଁ କାପୁରୁଷ, ତେବେ ସେନା ଆଦୌ ଯୁଦ୍ଧ ଜିତିପାରିବନାହିଁ । ଏପଟେ ବିଜେପି ନେତା ଅମିତ ମାଲବୀୟ ଏହି ଭିଡିଓକୁ 'ଏକ୍ସ'ରେ ସେୟାର କରି ଲେଖିଛନ୍ତି, ଯେତେବେଳେ ଜଣେ ପାକିସ୍ତାନୀ ସାଂସଦ ନିଜ ପ୍ରଧାନମନ୍ତ୍ରୀଙ୍କୁ ଭୀରୁ କହୁଛନ୍ତି ଏବଂ ସ୍ୱୀକାର କରୁଛନ୍ତି ଯେ ସେ ମୋଦିଙ୍କ ନାମ ନେବାକୁ ଡରୁଛନ୍ତି, ତେବେ ଏଥିରୁ ସବୁ କାହାଣୀ ସ୍ପଷ୍ଟ ହୋଇଯାଉଛି ଯେ ତାଙ୍କ ସେନାର ମନୋବଳ ଭାଙ୍ଗିଯାଇଛି । ସରକାର ଦିଗହୀନ ହୋଇପଡ଼ିଛି । ଭାରତର ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ପାକିସ୍ତାନକୁ ଅଣନିଃଶ୍ୱାସୀ କରିପକାଇଛି । ଉଲ୍ଲେଖଯୋଗ୍ୟ, ପାକିସ୍ତାନ ଗୁରୁବାର ରାତିରେ ଭାରତର ଅନେକ ଅଞ୍ଚଳରେ ଡ୍ରୋନ୍ ଓ ଯୁଦ୍ଧ ବିମାନ ଜରିଆରେ ଆକ୍ରମଣ ଉଦ୍ୟମ କରିଥିଲା । କିନ୍ତୁ ପୂର୍ବରୁ ସତର୍କ ରହିଥିବା ଭାରତୀୟ ସେନା କେବଳ ପାକିସ୍ତାନର ଏହି ଆକ୍ରମଣକୁ ପଣ୍ଡ କରିନଥିଲା, ବରଂ ଜବାବ୍‌ରେ କାର୍ଯ୍ୟାନୁଷ୍ଠାନ ନେଇ ପାକିସ୍ତାନର ଅନେକ ସହର ଉପରେ ଡ୍ରୋନ୍ ହମ୍‌ଲା କରିଥିଲା । ଏଥିରେ ପାକିସ୍ତାନର ଭୀଷଣ କ୍ଷୟକ୍ଷତି ହୋଇଥିଲା । ଭାରତୀୟ ସେନା ଲାହୋରରେ ଡ୍ରୋନ୍ ଆକ୍ରମଣ କରି ପାକିସ୍ତାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଧୂଳିସାତ୍ କରିଦେଇଛି ।

# ସୀମାନ୍ତରେ ଯୁଦ୍ଧ ସ୍ଥିତିର ଭୟଙ୍କର ଦୃଶ୍ୟ କହିଲେ ସମ୍ବଲପୁର ଛାତ୍ର ଜିତେନ୍ଦ୍ର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ହଷ୍ଟେଲ୍‌ରେ ଥିଲୁ । ଫାଇନାଲ୍ ସେମିଷ୍ଟର ପାଇଁ ପାଠରେ ମନ ଥାଏ । ରାତିରେ ଖାଇସାରି ଶୋଇବାକୁ ଯାଉଥିବା ବେଳେ ହଠାତ୍ ହଷ୍ଟେଲ ବାହାରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ବାହାରକୁ ଦେଖିବା ବେଳକୁ ଆକାଶରେ ନିଆଁ ଜଳୁଛି ଓ ଚାରିଆଡେ ଆଲୋକମୟ । ଆକଶର ଦୁଇଟି ପାର୍ଶ୍ୱରୁ କିଛି ତେଜୀୟାନ୍ ବସ୍ତୁ ଆସି ପରସ୍ପରକୁ ଧକ୍କା ଦେଉଛନ୍ତି । ସେମାନଙ୍କ ପ୍ରଚଣ୍ଡ ଶବ୍ଦରେ ଛାଡି ଥରିଯାଉଥାଏ । ମୋବାଇଲ୍‌ରେ ନେଟ୍ୱର୍କ ଚାଲିଯାଇଥାଏ । କ'ଣ କରିବୁ କିଛି ବୁଝିପାରୁନଥିଲୁ । ପରେ ଜଣାପଡ଼ିଲା, ଏହା ମିସାଇଲ୍ ଓ ଡ୍ରୋନ୍ । ପାକିସ୍ତାନକୁ ମୁହଁତୋଡ ଜବାବ୍ ଦେଉଛି ଭାରତ । ଏହାପରେ ହଷ୍ଟେଲ୍ ପରିସରରେ ହଠାତ୍ ସାଇରନ୍ ବାଜିଲା । ପରୀକ୍ଷା ବାତିଲ୍ କରାଗଲା ଓ ସମସ୍ତେ ଘରକୁ ଫେରିଯାଅ ବୋଲି ହଷ୍ଟେଲ୍ କର୍ତ୍ତୃପକ୍ଷ କହିଲେ । ବାସ୍, ବ୍ୟାଗ୍‌ପତ୍ର ଧରି ଆମେ ଓଡ଼ିଶା ଫେରିଆସିଲୁ । ଜମ୍ମୁରେ ଥିବା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ସମ୍ବଲପୁରର ଜଣେ ଛାତ୍ର ଜିତେନ୍ଦ୍ର ପ୍ରସାଦ ଏହା କହିଛନ୍ତି । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ୧୧୪ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଯୁଦ୍ଧ ପାଇଁ ଜମ୍ମୁ ଓ କାଶ୍ମୀରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି । ତେଣୁ ବିଶ୍ୱବିଦ୍ୟାଳୟରେ ପଢୁଥିବା କିଛି ଓଡ଼ିଆ ଛାତ୍ରଛାତ୍ରୀ ଘରକୁ ଫେରିଆସିଛନ୍ତି । ଜଣେ ଛାତ୍ର କହିଛନ୍ତି, ଆମେ ଓଡ଼ିଶା ସରକାର, ଏସ୍ଆରସି, ମୁଖ୍ୟ ଶାସନ ସଚିବଙ୍କୁ ଏ ବାବଦରେ ଅବଗତ କରିଥିଲୁ । ସରକାର ମଧ୍ୟ ଆମକୁ ଯୋଗାଯୋଗ କରିଥିଲେ । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଆମେ ଦିଲ୍ଲୀ ଆସିଲୁ । ଦିଲ୍ଲୀରୁ ୩ଟି ପର୍ଯ୍ୟାୟରେ ଟ୍ରେନ୍ ଯୋଗେ ଓଡ଼ିଶା ଆସିଛୁ । ପ୍ରଥମ ପର୍ଯ୍ୟାୟରେ ୫୦ଜଣ ଆସିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ୪୬ଜଣ ଓ ତୃତୀୟ ପର୍ଯ୍ୟାୟରେ ଅବଶିଷ୍ଟ ପିଲା ଆସିବେ । ଅଧିକାଂଶ ଛାତ୍ରଛାତ୍ରୀ ସମ୍ବଲପୁର, ଭଦ୍ରକ ଓ ବାଲେଶ୍ୱର ବାସିନ୍ଦା । ଆଉ ଜଣେ ଛାତ୍ର କହିଛନ୍ତି, ଯୁଦ୍ଧ କଥା ଶୁଣି ଡରିଯାଇଥିଲୁ । ଯାହା ହେଉ ଶେଷରେ ଓଡ଼ିଶାରେ ପହଞ୍ଚିଲୁ । ଏଥିପାଇଁ ସମସ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ୧୪ ଯାଏ ରାଜ୍ୟରେ ଜାରି ରହିବ ଗ୍ରୀଷ୍ମଲହରି



ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୩ ଦିନ ରାଜ୍ୟରେ ଭୀଷଣ ଗ୍ରୀଷ୍ମଲହରି ବହିବ । ଗୁଳୁଗୁଳି ବି ଅଣନିଃଶ୍ୱାସୀ କରିବ । ୧୪ ତାରିଖ ଯାଏ ଗ୍ରୀଷ୍ମଲହରିରୁ ନିସ୍ତାର ମିଳିବନି । ୧୦ ତାରିଖ ଶନିବାର ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ତାତି ଓ ଗୁଳୁଗୁଳି ହୋଇଥିଲା । ୧୧, ୧୨ ଓ ୧୩ ତାରିଖରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରି ବହିପାରେ । ୧୪ ତାରିଖ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ଗ୍ରୀଷ୍ମଲହରି ବହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୧୧ ତାରିଖରେ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର ଓ ବୌଦ୍ଧରେ ଗ୍ରୀଷ୍ମଲହରୀ ବହିପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ମୟୂରଭଞ୍ଜରେ ଭୀଷଣ ଗରମ ଓ ଗୁଳୁଗୁଳି ଆଶଙ୍କା ଅଛି । ୧୨ ତାରିଖରେ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ ଓ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରୀ ବହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ୧୩ ତାରିଖରେ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ ଓ ସୁନ୍ଦରଗଡ଼ରେ ଗ୍ରୀଷ୍ମଲହରୀ ଓ କଲବଲ କରିବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳରେ ଅସମ୍ଭାଳ ଗରମ ଓ ଗୁଳୁଗୁଳି ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଶୁକ୍ରବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୪୦.୬ ଡିଗ୍ରୀ ରହିଥିଲା । ଅନୁଗୁଳ, ହୀରାକୁଦରେ ୪୦.୧ ଡିଗ୍ରୀ ଓ ଝାରସୁଗୁଡ଼ାରେ ୪୦ ଡିଗ୍ରୀ ରେକର୍ଡ ହୋଇଥିଲା । ଟିଟିଲାଗଡ଼ ଓ ବୌଦ୍ଧରେ ୪୦ ଡିଗ୍ରୀ, ଜଗତସିଂହପୁରରେ ୩୯.୫ ଡିଗ୍ରୀ ରହିଥିଲା । ଭୁବନେଶ୍ୱରରେ ଦିନବେଳା ତାତି ୩୯.୨ ଡିଗ୍ରୀ ରହିଥିଲା । ସ୍ୱାଭାବିକ ଠାରୁ ପ୍ରାୟ ଦେଢ଼ ଡିଗ୍ରୀ ଅଧିକ ତାତି ରେକର୍ଡ ହୋଇଥିଲା । ଏଠାରେ ୬୦ ଡିଗ୍ରୀ ଭଳି ତାତି ଅନୁଭବ ହୋଇଥିଲା । ଅଧିକ ଆର୍ଦ୍ରତା ପାଇଁ ଅଧିକାଂଶ ସ୍ଥାନରେ ୫୦ରୁ ୬୦ ଡିଗ୍ରୀ ଭଳି ତାତି ଅନୁଭବ ହୋଇଥିଲା । କଟକରେ ୫୦ ଡିଗ୍ରୀ, ଅନୁଗୁଳରେ ୬୦ଡିଗ୍ରୀ, ପୁରୀରେ ୬୦ ଡିଗ୍ରୀ, ଫୁଲବାଣୀରେ ୫୫ଡିଗ୍ରୀ ଭଳି ତାତି ଅନୁଭବ ହୋଇଥିଲା । ଗୋପାଳପୁରରେ ଶୁକ୍ରବାର ଦିନ ତାପମାତ୍ରା ସ୍ୱାଭାବିକ ଠାରୁ ୨.୮ ଡିଗ୍ରୀ ଅଧିକ ରହିଥିଲା । ପାରାଦୀପ ଓ ପୁରୀରେ ସ୍ୱାଭାବିକ ଠାରୁ ୨.୨ ଡିଗ୍ରୀ, ବାଲେଶ୍ୱରରେ ୧.୬ ଡିଗ୍ରୀ, ଚାନ୍ଦବାଲିରେ ୧.୫ ଓ ବାରିପଦାରେ ୧.୨ ଡିଗ୍ରୀ ଅଧିକ ରେକର୍ଡ ହୋଇଛି । ଫୁଲବାଣୀରେ ଦିନ ତାପମାତ୍ରା ସ୍ୱାଭାବିକ ଠାରୁ ୩.୮ ଡିଗ୍ରୀ କମ୍ ରେକର୍ଡ ହୋଇଛି । ଭବାନୀପାଟଣାରେ ୩.୫ ଡିଗ୍ରୀ, ଟିଟିଲାଗଡ଼ରେ ୨ ଡିଗ୍ରୀ ଓ ବଲାଙ୍ଗୀରରେ ଦିନ ବେଳାର ତାତି ୨.୫ ଡିଗ୍ରୀ କମ୍ ରେକର୍ଡ ହୋଇଛି । ବଲାଙ୍ଗୀରରେ ରାତି ରାତି ତାପମାତ୍ରା ସ୍ୱାଭାବିକ ଠାରୁ ୪ ଡିଗ୍ରୀ ଓ ୪ ସମ୍ବଲପୁରରେ ୩.୧ ଡିଗ୍ରୀ ଅଧିକ ରହିଥିଲା ।



# ସିନ୍ଧୁ ଜଳ ଚୁକ୍ତି ମାମଲାରେ ହସ୍ତକ୍ଷେପ କରିବାକୁ ମନାକଲା ବିଶ୍ୱବ୍ୟାଙ୍କ୍

ନୂଆଦିଲ୍ଲୀ

ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ୧୯୬୦ ମସିହାରେ ହୋଇଥିବା ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା ଭାରତ । ସେତେବେଳେ ଭାରତ ଏକତରଫା ଭାବେ ଚୁକ୍ତିକୁ ସ୍ଥଗିତ କରିପାରିବ ନାହିଁ ବୋଲି ପାକିସ୍ତାନ କହିଥିଲା । ଏଥିଲାଗି ମଧ୍ୟସ୍ଥ ବିଶ୍ୱବ୍ୟାଙ୍କର ଦ୍ୱାରସ୍ଥ ହେବା କଥା ବି ଉଠାଇଥିଲା ଦେଶ । ଏବେ ବିଶ୍ୱବ୍ୟାଙ୍କରୁ ପାକିସ୍ତାନକୁ ଝଟ୍‌କା ଲାଗିଛି । ଏହି ବିବାଦରେ ହସ୍ତକ୍ଷେପ କରିବାକୁ ମନା କରିଛି ବିଶ୍ୱବ୍ୟାଙ୍କ୍ । ଦ୍ୱିପାକ୍ଷିକ ପ୍ରସଙ୍ଗରେ ମଧ୍ୟସ୍ଥତା ବ୍ୟତୀତ ସଂସ୍ଥାନର ଅନ୍ୟ କୌଣସି ଭୂମିକା ନଥିବା ବିଶ୍ୱବ୍ୟାଙ୍କ୍ ଅଧ୍ୟକ୍ଷ ଅଜୟ ବଙ୍ଗା କହିଛନ୍ତି । ନୂଆଦିଲ୍ଲୀ ଗସ୍ତରେ ଥିବା ବଙ୍ଗା ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟିଥିଲେ । ସେମାନଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ତାହା ସାମ୍ନାକୁ ଆସିନାହିଁ । ତେବେ ଏକ ଟିଭି ଚ୍ୟାନେଲ୍ ସହ ଆଲୋଚନା କରି ବଙ୍ଗା କହିଛନ୍ତି ଯେ, ବିଶ୍ୱବ୍ୟାଙ୍କ୍ ଏହି ପ୍ରସଙ୍ଗରେ କିପରି ହସ୍ତକ୍ଷେପ କରିବ ଓ ସମସ୍ୟାର ସମାଧାନ କରିବ ସେ ବିଷୟରେ ଗଣମାଧ୍ୟମରେ ଅନେକ କଳ୍ପନାଜଳ୍ପନା ଚାଲିଛି । କିନ୍ତୁ ସେସବୁ ଅର୍ଥହୀନ । ଏହି ଚୁକ୍ତି ଦୁଇ ଦେଶ (ଭାରତ- ପାକିସ୍ତାନ) ମଧ୍ୟରେ ହୋଇଥିଲା । ଯଦି ସେମାନେ ଏଥିନେଇ ଅସହମତ ହୁଅନ୍ତି ତେବେ ବିବାଦର ସମାଧାନ ଲାଗି ମଧ୍ୟସ୍ଥତା ବ୍ୟତୀତ ଆମର କୌଣସି ଭୂମିକା ନାହିଁ । ବଙ୍ଗାଙ୍କର ଏହି ମନ୍ତବ୍ୟକୁ ପାକିସ୍ତାନ ଲାଗି ଏକ ବଡ଼ ଝଟ୍‌କା ଭାବେ ଦେଖାଯାଉଛି ।

||||||||| 'ନବଗୁଞ୍ଜର'ର ଚତୁର୍ଥ ବାର୍ଷିକ ଉତ୍ସବ |||||||||

# ମଞ୍ଚସ୍ଥ ହେଲା ନାଟ୍ୟକାର ଆନନ୍ଦଚନ୍ଦ୍ର ପହିଙ୍କ 'ଡର'

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ



ସହରରେ ବାସ କରୁଥିବା ଜଣେ ମଣିଷ ଅତ୍ୟନ୍ତ ଡରୁଆ ଜୀବନ ବଞ୍ଚେ । ତାର ଭ୍ରାନ୍ତ ଧାରଣା ଯେ ଏଇ ଡରୁଆପଣ ତାକୁ ଓ ତାର ପରିବାରକୁ ନିରାପତ୍ତା ଯୋଗାଇଥାଏ । ଭାନୁ ପ୍ରକାଶ ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ । ସେ ତାଙ୍କ ପରିବାରକୁ ନେଇ ସୁଖରେ ଭୁବନେଶ୍ୱରରେ ବାସ କରନ୍ତି । ଦିନେ ରବିବାର ସକାଳେ ପରିବା ମାର୍କେଟ୍‌ରୁ ଫେରି ସେ ଜାଣିବାକୁ ପାଆନ୍ତି ଯେ ତାଙ୍କ କଲୋନୀ ପଛ ପଟରେ ଖୁବ୍ ଅଳ୍ପ ଦୂରେରେ ଗୋଟିଏ ମଣିଷର ଶବ ପଡ଼ିଛି । କଲୋନୀର ସମସ୍ତ ଲୋକ ତାଙ୍କ କୋଠା ଉପରୁ, ଝରକା ଫାଙ୍କରୁ ସେ ଶବକୁ ଦେଖୁଛନ୍ତି, କିନ୍ତୁ ଭୟରେ ତା' ପାଖକୁ କେହି ଯାଉନାହାଁନ୍ତି । ଭାନୁ ପ୍ରକାଶ ତାଙ୍କ ପଡ଼ୋଶୀ ଗୁମାନ ବାବୁଙ୍କୁ ଡ଼ାକି ତାଙ୍କ ସହିତ ପରାମର୍ଶ କରନ୍ତି ଏବଂ ସେ ଶବଟିକୁ ସେଠାରୁ ଉଠାଇ ନେବାକୁ ଭୁବନେଶ୍ୱର ମ୍ୟୁନିସିପାଲିଟିକୁ ଦରଖାସ୍ତଟିଏ ଲେଖନ୍ତି । ଗୁମାନବାବୁ ସେ ଦରଖାସ୍ତଟି ନେଇ ସେଥିରେ କଲୋନୀର କିଛି ଲୋକଙ୍କ ଦସ୍ତଖତ କରାନ୍ତି । କିନ୍ତୁ ଅଧିକାଂଶ ସେଥିରେ ଦସ୍ତକତ କରିବାକୁ ଭୟ କରନ୍ତି । ସେମାନଙ୍କର ଡର ଯେ ଯିଏ ଦରଖାସ୍ତରେ ଦସ୍ତକତ କରିବ ସିଏ ମର୍ଡ଼ର କେଶ୍‌ରେ ପଡ଼ିବ ଓ ପୋଲିସ ତାକୁ ବାନ୍ଧିକି ଥାନାକୁ ନେଇଯିବ । ତେଣୁ କଲୋନୀର ଯେଉଁ ଲୋକମାନେ ସେ ଦରଖାସ୍ତରେ ଦସ୍ତକତ କରିଥିଲେ ସେମାନେ ଆସି ସେଥିରୁ ତାଙ୍କ ଦସ୍ତକତ କାଟିଦେଇ ଚାଲିଗଲେ । ତା'ପର ଦିନ ଠାରୁ ସେ ଶବଟି ପଡ଼ି ଦୁର୍ଗନ୍ଧ ହୁଏ ଓ ସେ ଦୁର୍ଗନ୍ଧ କଲୋନୀର ପ୍ରତି ଲୋକଙ୍କ ଘରେ ପଶିବା ଆରମ୍ଭ ହୁଏ । କଲୋନୀର ଲୋକମାନେ ଦୁର୍ଗନ୍ଧରୁ ରକ୍ଷା ପାଇବା ପାଇଁ କବାଟ, ଝରକା ବନ୍ଦ କରି ଘର ଭିତରେ ପଶି ଝୁଣା ଧୂଆଁ, ବାସନା ଧୂପ ଦେଇ କଷ୍ଟେ ମଷ୍ଟେ ରୁହନ୍ତି । ଚାରିଦିନ ଏମିତି ଭୟରେ ଘରକୋଣରେ ଲୁଚିବା ପରେ ଜଣାପଡ଼ିଲା ଯେ ଶବଟି ଭାନୁ ପ୍ରକାଶଙ୍କ ଶ୍ୱଶୁରଙ୍କର । ସେ ରବିବାର ଦିନ ଭାନୁଙ୍କ ଘରକୁ ଆସିବା ବାଟରେ କଲୋନୀ ଠାରୁ ଖୁବ୍ ଅଳ୍ପ ଦୂରରେ ମୁର୍ଚ୍ଛା ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଛନ୍ତି । ଏ ସହରୀ ଲୋକମାନେ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଲୋକଟିଏ ଦେଖିଲେ ଭୟରେ ବାଟକାଟି ଚାଲିଯାଆନ୍ତି । ଡରିକି ଦୁର୍ଘଟଣା ସ୍ଥଳକୁ ଯାଆନ୍ତିନାହିଁ । ଯଥା ସମୟରେ ତାଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଡାକ୍ତରଖାନାକୁ ନେଇଥିଲେ ହୁଏତ ଭାନୁ ପ୍ରକାଶଙ୍କ ଶ୍ୱଶୁର ବଞ୍ଚି ଯାଇଥାଆନ୍ତେ । ଡର ଗୋଟିଏ ମଣିଷଠୁ ଆଉ ଗୋଟିଏ ମଣିଷକୁ ଖୁବ୍ ଶୀଘ୍ର ସଂକ୍ରମିତ ହୁଏ । ଡର ଖୁବ୍ ସଂକ୍ରାମକ । ବିପଦ ବିରୁଦ୍ଧରେ ଲଢ଼ିବାକୁ ପ୍ରେରଣା ଦେବା ପରିବର୍ତ୍ତେ ସେ ସ୍ଥାନ ଛାଡ଼ି ପଳାୟନ କରିବାକୁ ଡର ମଣିଷକୁ ଉତ୍ସାହିତ ପରେ ତେଣୁ ଡର ସର୍ବଦା ବର୍ଜନୀୟ ।

# ଅମାନିଆ କର୍ମଚାରୀଙ୍କ ପାଇଁ ବଦ୍‌ନାମ ଏମ୍‌କେସିଜି:କାଜୁଆଲ୍‌ଟିରେ ରୋଗୀଙ୍କୁ ମିଳୁନି ବେଡ୍‌ସିଟ୍

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଏମ୍‌କେସିଜି ମେଡ଼ିକାଲ୍‌ର ଆଶୁ ଚିକିତ୍ସା ବିଭାଗରେ ଚିକିତ୍ସାଧୀନ ରୋଗୀଙ୍କୁ ଚାଦର ମିଳୁନଥିବା ଘଟଣାକୁ ନେଇ ବ୍ରହ୍ମପୁର ବିଧାୟକଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏଭଳି ଅଭିଯୋଗ ପାଇବା ପରେ ବିଧାୟକ କେ. ଅନୀଲ୍ କୁମାର ଗତ ୧୬ ତାରିଖରେ ନିଜେ ମେଡ଼ିକାଲ୍‌ର କାଜୁଆଲଟି ପରିଦର୍ଶନ କରିଥିଲେ । ସେଠାରେ ଚିକିତ୍ସିତ ହେଉଥିବା ବହୁ ରୋଗୀଙ୍କ ଶଯ୍ୟାରେ ବେଡ୍‌ସିଟ୍ ନଥିବା ଦେଖିଥିଲେ । ଏନେଇ ବିଧାୟକ ଶ୍ରୀ ଅନୀଲ୍ ବିରକ୍ତି ଭାବ ପ୍ରକାଶ କରିବା ସହ ରୋଗୀଙ୍କୁ ଉତ୍ତମ ସେବା ଓ ଆବଶ୍ୟକତା ମୁତାବକ ସଫା ଚାଦର ଯୋଗାଇ ଦେବାକୁ କାଜୁଆଲ୍‌ଟି ମେଡ଼ିକାଲ୍ ଅଫିସର ଓ ଇନ୍‌ଚାର୍ଜ ନର୍ସିଂ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ରୋଗୀଙ୍କ ପାଇଁ ଯୋଗାଣ ହେଉଥିବା ବେଡ୍‌ସିଟ୍ ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ କହିଥିଲେ । ସବୁଠାରୁ ପରିତାପର ବିଷୟ ହେଲା ବିଧାୟକଙ୍କ ଗସ୍ତକୁ ଦୁଇ ସପ୍ତାହ ବିତିଯାଇଥିଲେ ହେଁ ରୋଗୀଙ୍କ ସମସ୍ୟାରେ ସମାଧାନ କରିବା ଦୂରର କଥା ବିଧାୟକଙ୍କ ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରାଯାଇଛି । ବିଭାଗରେ ରୋଗୀମାନଙ୍କୁ ପୂର୍ବଭଳି ଚିରାଫଟା ମେଟ୍ରେସ୍ ଉପରେ ଶୋଇ ଚିକିତ୍ସା କରାଯାଉଛି । ଏଠି ପ୍ରଶ୍ନ ଉଠୁଛି, ବିଭାଗୀୟ ମୁଖ୍ୟ ଏବଂ ମେଡ଼ିକାଲ୍ କର୍ତ୍ତୃପକ୍ଷ ନିର୍ବାଚିତ ଜନପ୍ରତିନିଧିଙ୍କ ନିର୍ଦ୍ଦେଶ ଅଥବା ପରାମର୍ଶକୁ ଅଣଦେଖା କରୁଛନ୍ତି କିପରି ? ଏଭଳି ସ୍ଥିତିରେ ଡାକ୍ତରଖାନାରେ ସାଧାରଣ ରୋଗୀଙ୍କ କଥା ନ କହିବା ଭଲ । ଅନ୍ୟପକ୍ଷରେ ଚାଦର ଗୁଡ଼ିକର ସଫେଇ ଦାୟିତ୍ୱ ମେଡ଼ିକାଲ୍ ପକ୍ଷରୁ ଭୁବନେଶ୍ୱରର ଅଂଶିକା ସର୍ଭିସ୍ ନାମକ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି । ବିଭିନ୍ନ ବିଭାଗରୁ ବାହାରୁଥିବା ମଇଳା ବେଡ୍‌ସିଟ୍ ସଫା କରିବା ନିମନ୍ତେ ସଂସ୍ଥାକୁ ପ୍ରତି ମାସରେ ୩ରୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି । ସେହିଭଳି ମେଡ଼ିକାଲ୍‌ର ଇଣ୍ଡୋର୍ ଓ କାଜୁଆଲଟିରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ପ୍ରତ୍ୟେକ ଦିନ ପରିଷ୍କାର ଓ ପରିଚ୍ଛନ୍ନ ବେଡ୍‌ସିଟ୍ ଯୋଗାଇ ଦେବାର ନିୟମ ରହିଛି । ଏହାକୁ ଦୃଷ୍ଟିରେ ରଖି ମେଡ଼ିକାଲ୍ ପକ୍ଷରୁ ପ୍ରତିବର୍ଷ ରୋଗୀଙ୍କ ବେଡ୍‌ସିଟ୍ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହଜାର ହଜାର ବେଡ୍‌ସିଟ୍ କ୍ରୟ କରାଯାଇଥାଏ । ତେବେ ଡାକ୍ତରଖାନାର ବିଭିନ୍ନ ବିଭାଗରେ ଆବଶ୍ୟକ ସଂଖ୍ୟକ ବେଡ୍‌ସିଟ୍ ମହଜୁଦ୍ ନାହିଁ । ଫଳରେ ରୋଗୀଙ୍କୁ ବେଡ୍‌ସିଟ୍ ଯୋଗାଇବାରେ ସମସ୍ୟା ହେଉଛି । ପ୍ରତ୍ୟେକ ଦିନ ରୋଗୀଙ୍କୁ ଭିନ୍ନ ଭିନ୍ନ ରଙ୍ଗର ବେଡ୍‌ସିଟ୍ ଯୋଗାଇବାର ମଧ୍ୟ ନିୟମ ରହିଛି । କିନ୍ତୁ ତାହା ଏମ୍‌କେସିଜି ମେଡ଼ିକାଲ୍‌ରେ କାର୍ଯ୍ୟକାରୀ କରାଯାଉନଥିବା ଜଣାପଡ଼ିଛି । ଗୋଟିଏ ବେଡ୍‌ସିଟ୍‌କୁ ଏକାଧିକ ଦିନ ବ୍ୟବହାର ନକରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଏମ୍‌କେସିଜି ମେଡ଼ିକାଲ୍‌ରେ ଏଥିରେ ବ୍ୟତିକ୍ରମ ଦେଖାଯାଉଛି । ମେଡ଼ିକାଲ୍‌ର କିଛି ଅମାନିଆ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ନିମନ୍ତେ ରୋଗୀଙ୍କୁ ବେଡ୍‌ସିଟ୍ ମିଳୁନାହିଁ । ଯାହାଦ୍ୱାରାର ମେଡ଼ିକାଲ୍ କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ସମ୍ପୃକ୍ତ କର୍ମଚାରୀଙ୍କ ପାଇଁ ବଦ୍‌ନାମ୍ ହେଉଥିବା ଦେଖିବାକୁ ମିଳୁଛି । ନିର୍ବାଚିତ ହେବା ପରଠାରୁ ଏମ୍‌କେସିଜି ମେଡ଼ିକାଲ୍‌ରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ ଉଦ୍ୟମ ଜାରି ରଖିଥିବା ବେଳେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ତେବେ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କ ଏଭଳି ଖାମଖିଆଲି ମନୋଭାବ ଯୋଗୁଁ ରୋଗୀଙ୍କ ସମସ୍ୟା ସମାଧାନରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି । ଏନେଇ ବିଧାୟକଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ସେ ପୁନଃ ମେଡ଼ିକାଲ୍ ପରିଦର୍ଶନରେ ଯିବେ ଓ ସ୍ଥିତି ଅନୁଧ୍ୟାନ କରିବେ ଏବଂ ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ।

# ବାରଡ଼ାଙ୍ଗରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଉ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ଓ ବଉଳକଣୀ ଗ୍ରାମ ପଞ୍ଚାୟତ ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଦାବି କରିଛନ୍ତି । ବଉଳକଣୀ ଓ ବାରଡାଙ୍ଗ ପଞ୍ଚାୟତ ଏବଂ ଆଖପାଖ ଅଞ୍ଚଳର ଜନସଂଖ୍ୟା ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ହେବ । ଏହି ଦୁଇଟି ପଞ୍ଚାୟତର କେନ୍ଦ୍ରସ୍ଥଳ ବାରଡାଙ୍ଗ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇ ଆସୁଛି । ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିବା ବେଳେ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନଖୋଲିବା ଦ୍ୱାରା ବହୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଞ୍ଚଳବାସୀମାନେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଏ ଦିଗରେ ପଦକ୍ଷେପ ନେବାପାଇଁ ଅଞ୍ଚଳର ଶ୍ୟାମସୁନ୍ଦର ଭୋଳ, ବିପିନ୍ ବିହାରୀ ଦାସ, ବେଣୁଧର ରାଉତ, ବୈଷ୍ଣବ ଚରଣ ପଣ୍ଡା ପ୍ରମୁଖ ଦାବି କରିଛନ୍ତି ।

# ନିଶାମୁକ୍ତ ଗାଁ ପାଇଁ ଥାନା ଘେରିଲେ ମହିଳା

ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ



ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ପଣ୍ଡରିଯୋର ଗାଁରେ କେତେକ ଯୁବକ ଅମାନିଆ ହୋଇ ଗାଁରେ ବେଆଇନ୍ ମଦ ବିକ୍ରୟ କରୁଛନ୍ତି । ଏନେଇ ଗାଁର ମହିଳାମାନେ ବାରମ୍ବାର ଅଭିଯୋଗ କଲେ ବି କିଛି ସୁଫଳ ମିଳୁନାହିଁ । ଯାଦ୍ୱାରା ଅତିଷ୍ଠ ହୋଇ ଗୁରୁବାର ଗାଁର ଶତାଧିକ ମହିଳା ବେଲପଡ଼ା ଥାନା ଘେରାଉ କରିଥିଲେ । ଗାଁରେ ତୁରନ୍ତ ମଦ ବନ୍ଦ କରିବା ସହ ବେଆଇନ୍ ଭାବେ ରନ୍ଧା ଓ ବିଦେଶୀ ମଦ ବିକ୍ରୟ କରୁଥିବା ଗାଁର ଦୁଇ ଜଣ ଯୁବକ କୈଳାଶ ଧରୁଆ ଏବଂ ଭଗବାନ ବାଗଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଗାଁ ଲୋକ ଅଭିଯୋଗ ମତେ ଗତ ୨.୨.୨୦୨୫ ତାରିଖ ଦିନ ଗାଁରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ନିଷ୍ପତ୍ତି ନିଆଗଲା ଯେ ଉକ୍ତ ଦିନ ଠାରୁ ଗାଁରେ ସମ୍ପୂର୍ଣ୍ଣ ମଦ ବନ୍ଦ କରାଗଲା ଏବଂ ନିଶାମୁକ୍ତ ଗାଁ ପାଇଁ ଶପଥ ନିଆଗଲା । ଏହାର ଖିଲାପ କରାଗଲେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ତଥାପି ଗାଁରେ କେତେକ ଲୋକ ଅମାନିଆ ହୋଇ ଦେଶୀ ବିଦେଶୀ ମଦ କାରବାର ଚଳାଇଛନ୍ତି । ଏହାଦ୍ୱାରା ଗାଁ ଅଶାନ୍ତି ଦେଖାଦେବା ସହ ଅସାମାଜିକ କାମ ବୃଦ୍ଧି ପାଉଛି । ମହିଳାମାନେ ରାସ୍ତାରେ ଯିବା ଆସିବାରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଏଥିପାଇଁ ଏହି ଗାଁର କାନ୍ତି ଧରୁଆ, କୁନି ଧରୁଆ, ଜାମାଦେଇ ଧରୁଆ, ମଦନା ମାଝୀ, ବନିତା ମିର୍ଦ୍ଧା, ପ୍ରଭାସିନୀ ବାଗ, ଯଶୋଦା ମାଝୀଙ୍କ ସହ ଅନ୍ୟମାନେ ମଦ ବିକ୍ରି ବନ୍ଦ ପାଇଁ ଥାନା ଅଧିକାରୀ ଅନନ୍ତ ପଧାନଙ୍କୁ ଦାବିପତ୍ର ଦେଇଛନ୍ତି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି ।

# ସୁବର୍ଣ୍ଣପୁରର ବିଭିନ୍ନ ହୋଟେଲ୍‌ରେ ଖାଦ୍ୟ ନିରାପତ୍ତା ଟିମ୍‌ର ଚଢ଼ଉ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବରଙ୍କ ନିର୍ଦ୍ଦେଶକ୍ରମେ ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସୋନପୁର ସହରର ସମସ୍ତ ହୋଟେଲ୍ ମାନଙ୍କରେ ଖାଦ୍ୟ ନିରାପତ୍ତା ଅଧିକାରୀ ଓ ତାଙ୍କ ଟିମ୍‌ର ଚଢ଼ଉ ପରେ ୨୦ ଗୋଟି ଦୋକାନରୁ ସାତ ହଜାର ଟଙ୍କା ଫାଇନ୍ ଆଦାୟ କରାଗଲା । ନଳିନୀ ଛକ, ପୁରୁଣା ଥାନା, କଚେରୀ ଓ ନୂଆଁ ହସ୍ପିଟାଲ୍ ଅଞ୍ଚଳରେ ଏ ସ୍କ୍ୱାର୍ଡ ଚଢ଼ଉ କରିଥିଲେ । ଉକ୍ତ ସ୍କ୍ୱାର୍ଡରେ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ରାଜୀବ ପଧାନ, ପୋଲିସ ସବ୍ ଇନ୍ସପେକ୍ଟର ଶଶୀରେଖା ଲୁହା, ପୋଲିସ କନେଷ୍ଟବଳ ରୋନାଲ ପ୍ରଧାନ ଓ ନୀଳିମା ପଟ୍ଟନାୟକ ପ୍ରମୁଖ ସାମିଲ୍ ଥିଲେ । ଚଢ଼ଉ ବେଳେ ୨୦ କିଲୋର ବାସି ଖାଦ୍ୟ ସବୁ ନଷ୍ଟ କରାଗଲା ଓ ଦୂଷିତ ଖାଦ୍ୟ ପାନୀୟ ଲୋକଙ୍କୁ ନଦେବା ପାଇଁ ତାଗିଦ୍ କରାଗଲା । ଆଗକୁ ଯଦି ଏହାର ଖିଲାପ୍ କରିବେ ତାଙ୍କୁ ଆଇନ୍ ଅନୁଯାୟୀ ଉଚିତ୍ ଦଣ୍ଡ ଦିଆଯିବ ବୋଲି ଦୋକାନୀଙ୍କୁ ସୂଚନା ଦିଆଯାଇଛି ।

||||||||| ଜିଲ୍ଲାପାଳଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ |||||||||

# ନଗଡ଼ାର ସମସ୍ୟା ସମାଧାନ ସହ ବିକାଶ ପାଇଁ ନିଷ୍ପତ୍ତି

ଯାଜପୁର, ନ୍ୟୁଜ୍



ବଣର ତୁଙ୍ଗା ଓ ଛାକୁଣ୍ଡା ଶାଗ ପରି ଅଖାଦ୍ୟରେ ଭୋକର ଯନ୍ତ୍ରଣା ସହ ଲୋକେ ଲଢନ୍ତି । ଜଙ୍ଗଲ ଭିତରେ ଥିବା ଖାଲର ପୋକ ଶାଲୁବାଲୁ ପାଣିକୁ ପିଅନ୍ତି ଏବଂ ଶୌଚ ହୋଇଥାନ୍ତି । ବିଦ୍ୟୁତ୍ ସେବା ନଥିବାରୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ କିରଣ ଆଲୁଅ ସାଜେ । ବନ୍ୟଜନ୍ତୁ ଚଳପ୍ରଚଳ କରୁଥିବା ଭଳି ଜଙ୍ଗଲର ଧଣ୍ଡି ରାସ୍ତାରେ ଲୋକେ ବହୁ କିଲୋମିଟର ଚାଲି ଚାଲି ନିଜ କୁଡିଆକୁ ଯାଇଥାନ୍ତି । ଭୋକ, ଅଖାଦ୍ୟ, ରୋଗ, ନୀରକ୍ଷରତା ସହ ରାସ୍ତା, ସ୍କୁଲ, ବିଦ୍ୟୁତ୍ ନଥିବା ଅନ୍ଧାରୀ ମୁଲକର ଗାଁ 'ନଗଡା'ର ସମସ୍ୟା ଦିନେ ଜାତୀୟ ସ୍ତରର ପ୍ରସଙ୍ଗ ହୋଇଥିଲା । ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଏହି ଅବହେଳିତ ଗାଁ ନଗଡାର ସମସ୍ୟା ସମାଧାନ ପାଇଁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନଗଡାର ସମସ୍ୟାର ସମାଧାନ ସହ ବିକାଶ ପାଇଁ ପୂର୍ଣ୍ଣ ପ୍ରତିଶୃତି ମିଳିଛି । ନଗଡାର ବିକାଶ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ମାନଙ୍କ ସହ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳ ଆଲୋଚନା ଆରମ୍ଭ କରି କହିଥିଲେ ଯେ, ନଗଡାର ବିଭିନ୍ନ ପଡାଗ୍ରାମ ତୁମୁଣୀ, ତଳଡିହ, ଗୁହିଆଶାଳର ବନବାସୀ ଲୋକମାନଙ୍କୁ ତୁରନ୍ତ ପାହାଡ ତଳକୁ ଅଣାଯାଇ ସ୍ୱାଭାବିକ ଜୀବନ ଯାପନ ପାଇଁ ଆବଶ୍ୟକ ବାସଗୃହ, ପାନୀୟ ଜଳ, ଆତ୍ମ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉ । ନଗଡାର ସମସ୍ୟା ନେଇ ବାରମ୍ବାର ପାହାଡ ଭିତରେ ଥିବା ଏହି ଗାଁ ଗୁଡିକୁ ପାଦରେ ଚାଲି ଚାଲି ଯାଇଛୁ ଏବଂ ସେମାନଙ୍କ ସହ ମିଶିଛୁ । ସମସ୍ତ ସମସ୍ୟାର ସମାଧାନ ପାଇଁ ଏହା ଏକମାତ୍ର ମାର୍ଗ ବୋଲି ଉପଲବ୍ଧ କରିଛୁ । ଏହି ତିନୋଟି ପଡାଗ୍ରାମରେ ପାନୀୟ ଜଳ, ଖାଦ୍ୟ, ବିଦ୍ୟୁତ୍ ସେବା, ସ୍କୁଲ୍ ଏବଂ ରାସ୍ତା ନଥିବାର ସମସ୍ୟା ଅତ୍ୟନ୍ତ ଉଦ୍‌ବେଗ ଜନକ । ନଗଡା ମିଶନ୍ ଟ୍ରଷ୍ଟର ମୁଖ୍ୟ ରଶ୍ମୀଲତା ବଳ କହିଥିଲେ ଯେ, ସେଠାରେ ଲୋକେ ଭୋକ ଦାଉରୁ ରକ୍ଷା ପାଇବା ପାଇଁ ଅଖାଦ୍ୟ ଖାଉଛନ୍ତି । ସେମାନଙ୍କୁ ରାସନ ସାମଗ୍ରୀ ସହ ସ୍ୱତନ୍ତ୍ର ଯୋଜନା କରାଯାଇ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉ । ଅଙ୍ଗନବାଡ଼ି କେନ୍ଦ୍ର ଗୃହଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି । ହେଲେ ପାଠ ପଢାଇବାକୁ ଶିକ୍ଷୟତ୍ରୀ ଆସୁନାହାନ୍ତି । ସୋଲାର ଲାଇଟ୍ ବ୍ୟବସ୍ଥା ଥିଲେ ମଧ୍ୟ ଏଥିରୁ ଆଲୁଅ ଜଳୁନାହିଁ । ଏଥିରେ ରାଜ୍ୟର ବିଭିନ୍ନ ସଂଗଠନର ବରିଷ୍ଠ ସମାଜସେବୀ ଗଗନ ବିହାରୀ ପାଇକାଳ, ସାଗର ଦାସ, ନାରାୟଣ ସାହୁ, ସନ୍ଦିପ ବିଶ୍ୱାଳ ମେଘନାଦ ଜେନା, ସୁବ୍ରତ ବାରିକ, ସବ୍ୟସାଚୀ ସାହୁ, ସାମ୍ବାଦିକ କାର୍ତ୍ତିକ ସ୍ୱାଇଁ, ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଏଠାରେ ପ୍ରଦୂଷିତ ପାଣିରେ ଶୌଚ ହେବା ସହ ପାନୀୟ ଜଳ ଭାବେ ବ୍ୟବହାର କରୁଥିବାରୁ ସେମାନଙ୍କ ଦେହରେ ବିଭିନ୍ନ ପ୍ରକାର ଉତ୍କଟ ଚର୍ମ ରୋଗ ହେଉଛି । ଶିଶୁମାନେ ଏଥିପାଇଁ ଅକଥନୀୟ ଯନ୍ତ୍ରଣା ପାଉଛନ୍ତି । ନଗଡାକୁ ଯାଉଥିବା ସ୍ୱାସ୍ଥ୍ୟସେବା ଦଳ କେବଳ ଗୋଟିଏ ଲେଖା ବଟିକା ଦେଇ ଚାଲି ଆସୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟସେବା ଦଳ ଉକ୍ତ ଘାଆ ଗୁଡିକ ସଫା କରି ସେଥିରେ ଔଷଧ ଲଗାଇବାର ଆବଶ୍ୟକତା ରହିଛି । ଆମେ ପ୍ରତ୍ୟେକ ମାସରେ ସ୍ୱାସ୍ଥ୍ୟସେବା ଦଳ ନେଇ ସେଠାକୁ ଯାଇ ଉକ୍ତ ଘାଆ ଗୁଡିକୁ ସଫା କରି ସେଥିରେ ଔଷଧ ଲଗାଇବା ପରେ ସେମାନେ ଆଶ୍ୱସ୍ତି ଅନୁଭବ କରୁଛନ୍ତି । ତଳଡିହରେ ଜରିପାଲ ତଳେ ୧୨ଟି ପରିବାର ଦୟନୀୟ ଜୀବନ ବିତାଉଛନ୍ତି । ସେମାନଙ୍କୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମିଳିନାହିଁ । ଯାଜପୁର ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଏଥିନେଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବୈଠକକୁ ଡକାଇ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପରମାର୍ଶ ଦେଇଥିଲେ । ଜିଲ୍ଲାପାଳ କହିଥିଲେ ଯେ, ନଗଡାର ସମସ୍ୟା ସମାଧାନ ପାଇଁ ନିଜେ ମୁଖ୍ୟ ଶାସନ ସଚିବ ଆଲୋଚନା କରିଛନ୍ତି । ଏଠାରେ ଅନେକ ସମସ୍ୟାର ସମାଧାନ ହୋଇଛି । ସେମାନେ ପାହାଡ ତଳକୁ ଆସି ଜୀବନ ଯାପନ କରିବାକୁ ରାଜି ହେଲେ ସରକାର ସେମାନଙ୍କୁ ପାହାଡ ତଳକୁ ଆଣି ସ୍ୱାଭାବିକ ଜୀବନ ଧାରଣ ପାଇଁ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବେ । ସେମାନଙ୍କ ମୂଳ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଉନ୍ନତମାନର ଜୀବନଶୈଳୀ ପ୍ରଦାନ ପାଇଁ ସରକାର ଯତ୍ନବାନ ରହିଛନ୍ତି । ନଗଡାର ପ୍ରତ୍ୟେକ ପଡାଗ୍ରାମର ସମସ୍ୟାକୁ ଜିଲ୍ଲାପାଳ ନିଜ ଆଡୁ ବର୍ଣ୍ଣନା କରିବା ସହ ଏହାର ସମାଧାନ ପାଇଁ ସରକାରଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରିଥିଲେ । ଏହାପରେ ଏହି ପ୍ରତିନିଧି ଦଳ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ଅତି ଗୁରୁତ୍ୱର ସହ ନିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲାପାଳଙ୍କ ନଗଡା ଉପରେ ଅଭିଜ୍ଞତା ଏବଂ ସମସ୍ୟାର ସମାଧାନ ପାଇଁ ଥିବା ଆନ୍ତରିକତା ଓ ନିଷ୍ଠା ନେଇ ପ୍ରତିନିଧି ଦଳ ତରଫରୁ ଜିଲ୍ଲାପାଳ ଏବଂ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି । ପ୍ରତିନିଧି ଦଳ ତରଫରୁ ଯାଜପୁର ଜିଲ୍ଲାପାଳଙ୍କୁ ବୃକ୍ଷ ଏବଂ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନଗଡାର ସମସ୍ୟାକୁ ପ୍ରସଙ୍ଗ କରିଥିବା ବେଳେ ଏହି ପ୍ରସଙ୍ଗରେ ସରକାରଙ୍କ ସହ ଆଲୋଚନା ପାଇଁ ସତୀଶ ବିଶ୍ୱାଳ ନିବେଦନ କରି ପତ୍ର ପ୍ରଦାନ କରିଥିଲେ । ଏହାପରେ ଏହି ଆଲୋଚନା ହୋଇଥିବା ବେଳେ ନଗଡା ନେଇ ପ୍ରଶାସନ ସହ ଏଭଳି ପ୍ରଥମ ଆଲୋଚନା ନେଇ ପ୍ରତିନିଧି ଦଳ ତରଫରୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଯାଇଛି ।

# ରୁଙ୍ଗଟାର କେନ୍ଦୁଡିହି ନର୍ଥ ଖଣିଜ ପ୍ରକଳ୍ପକୁ ଜନତାଙ୍କ ସର୍ତ୍ତମୂଳକ ସମର୍ଥନ




ଯୋଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲା ଯୋଡା ଖଣିକ୍ଷେତ୍ର ତଥା ବଡବିଲ୍ ତହସିଲ ଅନ୍ତର୍ଗତ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ଼ର କେନ୍ଦୁଡିହି ନର୍ଥ ଖଣିଜ ବ୍ଲକର ସର୍ବସାଧାରଣ ଶୁଣାଣି ସଫଳ ହୋଇଥିବା ଖବର ହସ୍ତଗତ ହୋଇଛି । କେନ୍ଦୁଝର ଜିଲ୍ଲା କେନ୍ଦୁଡିହି ପ୍ରାଥମିକ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ଏହି ଜନଶୁଣାଣିରେ ନିକଟସ୍ତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ସେମାନଙ୍କ ପରିବେଶୀୟ ମତାମତ ଉପସ୍ଥାପନା କରିଥିବା ବେଳେ କେତେକ ଗ୍ରାମବାସୀ ଲିଖିତ ଆକାରରେ ଜଣାଇଥିବା ଖବର ମିଳିଛି । କେନ୍ଦୁଡିହି ଏବଂ ପାଣ୍ଡୁଲିପୋଷି ଗ୍ରାମରେ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ଼ର ସମୁଦାୟ ୧୮୭.୮୬୨ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କେନ୍ଦୁଡିହି ନର୍ଥ ଖଣିଜ ବ୍ଲକ ଖଣିରୁ ବାର୍ଷିକ ୨.୬ ଏମ୍‌ଟିପିଏ ଆରଓଏମ୍ ଲୌହ ଖଣିଜ (ସମୁଦାୟ ୪.୦୧୩୮ ଏମ୍‌ଟିପିଏ, ୨.୬ ଏମ୍‌ଟିପିଏ ଆରଓଏମ୍ ଲୌହ ଖଣିଜ ଯୁକ୍ତ ୧.୪୧୩୮ ଏମ୍‌ଟିପିଏ ବର୍ଜ୍ୟ) ଉତ୍ତୋଳନ କରିବା ନିମନ୍ତେ ପ୍ରସ୍ତାବ ରହିଛି । ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣିକୁ ପରିଚାଳନା କରିଥିଲେ । ଅଞ୍ଚଳବାସୀ ଜନଶୁଣାଣିରେ ନିଜର ମତାମତ ଦେବା ସହ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେବାକୁଥିବା ଗ୍ରାମବାସୀ ଜନ ଶୁଣାଣିରେ ନିଜର ମତାମତ ବ୍ୟକ୍ତ କରିଥିଲେ, ଯାହାକୁ ଲିପିବଦ୍ଧ କରାଯିବା ସହ ଭିଡିଓ ରେକର୍ଡିଂ କରାଯାଇଥିଲା । ଏହି ସର୍ବସାଧାରଣ ଜନଶୁଣାଣିରେ ସ୍ଥାନୀୟ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀମାନେ ମତାମତ ଦେଇଥିଲେ । ଜନଶୁଣାଣିରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ମୋଟ୍ ୭୫ ଜଣ ନିଜର ମତାମତ ଉପସ୍ଥାପନ କରିଥିବା ବେଳେ ୩୫ ଜଣ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ପ୍ରଭାବିତ ଅଞ୍ଚଳ ମାନଙ୍କରେ ପାରିପାର୍ଶ୍ୱିକ ଉନ୍ନତି, ନୂତନ ଜଙ୍ଗଲ ସୃଷ୍ଟି, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ କରଣ, ସ୍ଥାନୀୟଙ୍କୁ ନିଯୁକ୍ତି ଆଦି ଦାବି କରି ଅଞ୍ଚଳବାସୀ ଏହି ପ୍ରକଳ୍ପକୁ ସର୍ତ୍ତ ମୂଳକ ସମର୍ଥନ ଜଣାଇଥିଲେ । ପାରିପାର୍ଶ୍ୱିକ ଉନ୍ନତି, ପାନୀୟଜଳ, ଗମନାଗମନ, ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କମ୍ପାନୀ ଯତ୍ନବାନ ହେବାକୁ ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ମତ ଉପସ୍ଥାପନ କରିଥିଲେ । ସ୍ଥାନୀୟ ଅଞ୍ଚଳର କୁଶ ଆପଟ୍ଟ, ଦଶରଥ ବାରିକଙ୍କ ସମେତ ଅନ୍ୟ ଗ୍ରାମବାସୀମାନେ କମ୍ପାନୀ ସପକ୍ଷରେ ସର୍ତ୍ତ ମୂଳକ ସମର୍ଥନ ଜଣାଇଥିଲେ । ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥା ସମ୍ଭବ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ପ୍ରଦୂଷଣ ନିୟନ୍ତ୍ରଣ ସକାଶେ ସବୁ ମାନଦଣ୍ଡ ଓ ନିୟମକୁ ମାନି ପଦକ୍ଷେପ ନିଆଯିବ ବୋଲି କମ୍ପାନୀର ବରିଷ୍ଠ ଅଧିକାରୀ ତଥା ସିଏସ୍ଆର୍ ଜେନେରାଲ୍ ମ୍ୟାନେଜର ଏଲ୍.ଏନ୍.ରାଉତ ସୂଚନା ଦେଇଥିଲେ । ସ୍ଥାନୀୟ ବାସୀନ୍ଦାଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା ସହ ସିଏସ୍ଆର୍ ମାଧ୍ୟମରେ ଜନହିତକର କାର୍ଯ୍ୟ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏହି ଜନଶୁଣାଣିରେ ପ୍ରଦୂଷଣ ବୋର୍ଡ ଅଧିକାରିଣୀ ନିବେଦିତା ବେବର୍ତ୍ତା, ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ୍ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାଏକଙ୍କ ସମେତ କମ୍ପାନୀର ନିର୍ଦ୍ଦେଶକ ହୀରକ ମଜୁମଦାର, ମାନବସମ୍ବଳ ବିଭାଗ ସଭାପତି ରାମୁ ଅଗ୍ରୱାଲ, ଉପସଭାପତି ଅଭିଜିତ ସେନ୍, ଅନନ୍ତ ଶଙ୍କର ମହାପାତ୍ର, ଦିଲୀପ କୁମାର ପରିଡ଼ା, ସ୍ମୃତି କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରୋହିତଙ୍କ ସ୍ଥାନ ନେଇପାରନ୍ତି ଗିଲ୍



**ନୂଆଦିଲ୍ଲୀ**

ଭାରତୀୟ ଟେଷ୍ଟ କ୍ରିକେଟ ଦଳର ଅଧିନାୟକ ପଦବୀରୁ ରୋହିତ ଶର୍ମାଙ୍କ ଅବସର ଘୋଷଣା ପରେ ଏହି ସ୍ଥାନ ପୂରଣ କରିପାରନ୍ତି ପ୍ରତିଭାସମ୍ପନ୍ନ ବ୍ୟାଟର ଶୁବମନ ଗିଲ୍। ବିଦେଶ ମାଟିରେ ଭଲ ପ୍ରଦର୍ଶନ କରିପାରୁଥିବା ବିସ୍ଫୋରକ କିପର-ବ୍ୟାଟର ରିଷଭ ପନ୍ତଙ୍କୁ ଉପ-ଅଧିନାୟକ ଦାୟିତ୍ୱ ମିଳିପାରେ। ୪୨ରୁ ଅଧିକ ଆଭରେଜ୍ ରଖିଥିବା ପନ୍ତ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାରେ ଶତକ ହାସଲ କରିପାରିଛନ୍ତି। ତାଙ୍କର ୭ଟି ସ୍କୋର ୯୦ରୁ ୯୯ ମଧ୍ୟରେ ରହିଛି। ଏଥିଯୋଗୁ ପନ୍ତଙ୍କୁ ଏହି ଫର୍ମାଟରେ ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ବିବେଚନା କରାଯାଉଛି। ବୁମ୍ରାଙ୍କୁ ଯଦି ଅଧିନାୟକ କରା ନ ଯାଉଛି ତେବେ ତାଙ୍କୁ ଉପଅଧିନାୟକ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଏକ ସୂତ୍ରରୁ ପ୍ରକାଶ। ବିରାଟ କୋହଲି ନିକଟ ଭବିଷ୍ୟତରେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଇଚ୍ଛା ପ୍ରକାଶ କରିଥିବାରୁ ସିଲେକ୍ସନ କମିଟି ତାଙ୍କୁ ଇଂଲଣ୍ଡ ଟୁର୍ ପାଇଁ ଅଧିନାୟକ କରିବାକୁ ଚାହିଁବ ନାହିଁ। ବରଂ ଗିଲ୍‌ଙ୍କୁ ନେତୃତ୍ୱ ଦେଲେ ସେ ଅଭିଜ୍ଞତା ହାସଲ କରିବେ। ଏହା ତାଙ୍କୁ ଆଗକୁ ବଢ଼ିବାରେ ସହାୟକ ହେବ।

# ରୋହିତଙ୍କ ପରେ ଟେଷ୍ଟ କ୍ରିକେଟ୍‌କୁ ବାଏ ବାଏ କରିପାରନ୍ତି ବିରାଟ କୋହଲି

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ, ଏବେ ତାଙ୍କ ସାଥୀ ବିରାଟ କୋହଲି ମଧ୍ୟ ଏହି ଫର୍ମାଟକୁ ବାଏ ବାଏ କହିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ(ବିସିସିଆଇ)କୁ ଜଣାଇଛନ୍ତି ଯେ, ସେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଚାହୁଁଛନ୍ତି ତଥାପି, ଏବେ ଉଚ୍ଚ ଅଧିକାରୀମାନେ ତାଙ୍କୁ ଏହି ନିଷ୍ପତ୍ତି ବିଷୟରେ ଚିନ୍ତା କରିବାକୁ ଅନୁରୋଧ କରିଛନ୍ତି।



ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ଇଂଲଣ୍ଡ ଗସ୍ତ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ, ଏହି ଅଭିଜ୍ଞ ଖେଳାଳିଙ୍କୁ ଆଉ କ୍ରିକେଟର ଲମ୍ବା ଫର୍ମାଟରେ ଖେଳିବାର ଦେଖାଯିବ ନାହିଁ। ସେ ମନ ସ୍ଥିର କରିଛନ୍ତି ଏବଂ ବୋର୍ଡକୁ ଜଣାଇ ଦେଇଛନ୍ତି ଯେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବେ। ଇଂଲଣ୍ଡର ଗୁରୁତ୍ୱପୂର୍ଣ୍ଣ ଗସ୍ତ ଆସୁଥିବାରୁ ବିସିସିଆଇ ତାଙ୍କୁ ପୁନର୍ବିଚାର କରିବାକୁ ଅନୁରୋଧ କରିଛି। ସେ ଏପର୍ଯ୍ୟନ୍ତ ଅନୁରୋଧର ଜବାବ ଦେଇନାହାନ୍ତି।

କିଛି ଦିନ ପୂର୍ବରୁ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ କୋହଲିଙ୍କ ଏହି ନିଷ୍ପତ୍ତି ଆସିଛି। ଆସନ୍ତା ମାସରେ ଇଂଲଣ୍ଡରେ ହେବାକୁ ଥିବା ପାଞ୍ଚ ଟିକିଆ ଟେଷ୍ଟ ସିରିଜ୍ ପାଇଁ ଦଳ ବାଛିବା ପାଇଁ ଭାରତୀୟ ଚୟନକର୍ତ୍ତାମାନେ କିଛି ଦିନ ମଧ୍ୟରେ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି।

ଯଦି କୋହଲି ତାଙ୍କ ମନ ପରିବର୍ତ୍ତନ ନ କରନ୍ତି ଏବଂ ରୋହିତ ମଧ୍ୟ ଦଳରେ ନାହାନ୍ତି, ତେବେ ଭାରତର କେଏଲ ରାହୁଲ, ଶୁବମନ ଗିଲ୍ ଏବଂ ଯଶସ୍ୱୀ ଜୟସ୍ୱାଲଙ୍କ ସହିତ ଏକ ଅନଭିଜ୍ଞ ମଧ୍ୟମ କ୍ରମ ରହିବ। ଡିସେମ୍ବର ୨୦୧୪ରେ କୋହଲି ଏବଂ ଫେବୃୟାରୀ ୨୦୨୨ରେ ରୋହିତ ଭାରତର ଟେଷ୍ଟ ଅଧିନାୟକ ହୋଇଥିଲେ।

# କିପରି ଫେରସ୍ତ ପାଇବେ ଆଇପିଏଲ ୨୦୨୫ର ଟିକେଟ ଟଙ୍କା

**ନୂଆଦିଲ୍ଲୀ**



ଆଇପିଏଲ ୨୦୨୫ର ଶେଷ ମ୍ୟାଚ୍ ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଷ୍ଟାଡିୟମରେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଉଥିଲା, କିନ୍ତୁ ଯାନ୍ତ୍ରିକ ସମସ୍ୟା ଦର୍ଶାଇ ମ୍ୟାଚ୍ ଅଧାରୁ ବନ୍ଦ କରିଦିଆଯାଇ ଥିଲା। ପ୍ରଶଂସକମାନଙ୍କୁ ମଧ୍ୟ ଷ୍ଟାଡିୟମରୁ ବାହାରକୁ ପଠାଯାଇଥିଲା। ଏହା ପରେ ପରଦିନ ବିସିସିଆଇ ଆଇପିଏଲକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା।

ଇଣ୍ଡିଆନ ପ୍ରିମିୟର ଲିଗ୍ ନିୟମ ଅନୁଯାୟୀ, ଯଦି ମ୍ୟାଚ୍ ବାତିଲ କିମ୍ବା ସ୍ଥଗିତ ରଖାଯାଏ ଏବଂ ସେହି ଦିନ ଷ୍ଟାଡିୟମରେ କୌଣସି ମ୍ୟାଚ୍‌ରେ ଗୋଟିଏ ବି ବଲ ପକାଯାଏ ନାହିଁ। ତେବେ ମ୍ୟାଚ୍ ଟିକେଟ ଫେରସ୍ତ କରାଯାଇପାରିବ। ଅନ୍ୟ କୌଣସି ପରିସ୍ଥିତିରେ ମ୍ୟାଚ୍ ପୁଣି ହେବାର କୌଣସି ସମ୍ଭାବନା ନ ଥାଏ ଏହାର ଅର୍ଥ ହେଉଛି ଯଦି ମ୍ୟାଚ୍ ସମୟରେ ବର୍ଷା ହୁଏ କିମ୍ବା ସୁରକ୍ଷା କାରଣରୁ ମ୍ୟାଚ ବନ୍ଦ ହୋଇଯାଏ, ତେବେ ଟିକେଟ ଟଙ୍କା ଫେରସ୍ତ ମିଳେନାହିଁ। ଏହା ସତ୍ତ୍ୱେ ଯଦି ଆୟୋଜକ ଫ୍ରାଞ୍ଚାଇଜ କିମ୍ବା କ୍ରିକେଟ ସଂଘ ଚାହାନ୍ତି। ତେବେ ସେମାନେ ଟଙ୍କା ଫେରସ୍ତ କରିପାରିବେ। ପୂର୍ବରୁ ଏଭଳି ମଧ୍ୟ ଦେଖାଯାଇଛି।

କିପରି ଫେରସ୍ତ ପାଇବେ : ଯଦି ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୫ରେ କୌଣସି ମ୍ୟାଚ୍ ଖେଳାଯାଇପାରେ ନାହିଁ, ତେବେ ଏଥିପାଇଁ ଟଙ୍କା ଫେରସ୍ତ ପାଇବା ପ୍ରକ୍ରିୟା କଷ୍ଟକର ନୁହେଁ। ରିପୋର୍ଟ ଅନୁସାରେ ଯଦି ଆପଣ ଅନଲାଇନରେ ଟିକେଟ କିଣିଛନ୍ତି ତେବେ ଆପଣଙ୍କୁ ଏହାର ଟଙ୍କା ଫେରସ୍ତ ମିଳିବ। ଯଦି ଆପଣ ନ ମିଳେ ତେବେ ଆପଣ ଟିକେଟ, ପରିଚୟ ପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦାଖଲ କରି ଏଥିପାଇଁ ଆବେଦନ କରିପାରିବେ। ଯଦି ଆପଣ କାଉଣ୍ଟରରୁ ଟିକେଟ କିଣିଛନ୍ତି, ତେବେ ନିର୍ଦ୍ଧାରିତ ସମୟରେ କାଉଣ୍ଟରକୁ ଯାଇ ଟିକେଟ ଦେଖାଇଲେ ଆପଣ ଟଙ୍କା ଫେରସ୍ତ ପାଇବେ।

# ଆନେକ୍ସ କପ୍ : ତୃତୀୟ କ୍ୱାର୍ଟରଫାଇନାଲରେ କଲିକତାକୁ ହରାଇ ସେମିରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତୃତୀୟ ଆନେକ୍ସ କପ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ କଲେଜ ପଡ଼ିଆରେ ଚାଲିଥିବା ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ କଲିକତାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି ଜଗତସିଂହପୁରର ଆୟୋଜକ ଟିମ୍ ହିନ୍ଦୁସ୍ଥାନ ସ୍ପୋର୍ଟିଂ।




ପ୍ରଥମେ ଟସ୍ ଜିତି ହିନ୍ଦୁସ୍ଥାନ ସ୍ପୋର୍ଟିଂ ସାଉଥ ଇଷ୍ଟର୍ଣ୍ଣ ରେଲୱେ, କଲିକତାକୁ ବ୍ୟାଟିଂର ଆମନ୍ତ୍ରଣ କରିଥିଲା। ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୯ ଓଭରରେ ୧୨୬ ରନ କରି ସମସ୍ତ ୱିକେଟ ହରାଇଥିଲା। ଦଳ ପକ୍ଷରୁ ସର୍ବାଧିକ ସୌମ୍ୟ ଲେଙ୍କା ୩୦, ଲେଟନ ଟୋପ ୨୮ ରନ ସଂଗ୍ରହ କରିଥିଲେ। ହିନ୍ଦୁସ୍ଥାନ ପକ୍ଷରୁ ଯାଇ ନମ ଗେଡ଼ିଆ, ନିହାର ଭୂୟାଁ, ସୁପ୍ରଭାତ ପଟ୍ଟନାୟକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ୧୬.୪ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ୧୩୦ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ସର୍ବାଧିକ ଜମାଲା ମହାପାତ୍ର ୪୧ ରନ, ପୁରୁଷୋତ୍ତମ ପ୍ରଧାନ ୨୮ ରନ, ଆରବିନ ସିଂ ୨୬ ରନ, ସୌଭାଗ୍ୟ ମିଶ୍ର ୨୪ ରନ ସଂଗ୍ରହ କରିଥିଲେ।

କୋଲକାତା ରେଲୱେ ପକ୍ଷରୁ ସର୍ବାଧିକ କ୍ରୀଷ୍ଣା ପଲେଇ ୨ଟି ୱିକେଟ ଅକ୍ତିଆର କରିଥିଲେ।

ଏହି ଖେଳର ଶ୍ରେଷ୍ଠ ଖେଳାଳି ହିନ୍ଦୁସ୍ଥାନ ସ୍ପୋର୍ଟିଂ ତରଫରୁ ଜମଲା ମହାପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍‌ର ଟ୍ରଫି, ଅର୍ଥ ରାଶି ସାମ୍ମାନୀତ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଇଂ କାମଦେବ ଦାସ, ସାମ୍ବାଦିକ ରାଧାକାନ୍ତ ମିଶ୍ର, ସାମ୍ବାଦିକ ଶୁଭକାନ୍ତ ପଢ଼ିହାରି, ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ବିଦୁର ନାୟକ, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌କୁ ଆଶୁତୋଷ ପାଣି, ସୌମେନ୍ଦ୍ର ପାତ୍ର, ବାପି ବିଶୋଇ, ଆଶୁତୋଷ ବେହେରା, ପ୍ରଶାନ୍ତ ମଲ୍ଲିକ, ସୁଦ୍ଧା ସେନାପତି ଓ ମିଳନ ଓଝା ପରିଚାଳନା କରିଥିଲେ।

# ଚତୁର୍ଥ କ୍ୱାର୍ଟର ଫାଇନାଲ : ଝାଡ଼ଖଣ୍ଡ ସ୍ପୋର୍ଟିଂ ୟୁନିଅନ ସେମିରେ

ଚତୁର୍ଥ ଆନେକ୍ସ କପ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସ୍ଥାନୀୟ ଏସଭିଏମ କଲେଜ ପଡ଼ିଆରେ ଚାଲିଥିବା ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆନେକ୍ସ କପ୍‌ର ସେମିଫାଇନାଲରେ ପ୍ରବେଶ କରିଛି ଝାଡ଼ଖଣ୍ଡ ସ୍ପୋର୍ଟିଂ। ପ୍ରଥମେ ଟସ୍‌ରେ ଜିତି ରାଉରକେଲା ସ୍ପୋର୍ଟସ୍ ଆସୋସିଏସନ ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୫୦ ରନ କରି ସମସ୍ତ ୱିକେଟ ହରାଇଥିଲା। ଦଳ ପକ୍ଷରୁ ସର୍ବାଧିକ ଶୁଭଙ୍କର ବିଶ୍ୱାସ ୫୦ ଓ ସିଦ୍ଧାର୍ଥ ନାୟକ ୨୫ ରନ ବିଭବ ୧୯ ରନ ସଂଗ୍ରହ କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ରୋସନ ଯାଦବ ୩ଟି ଆଶ୍ୱିନ ଓ ଫର୍କନ ଅନସାରୀ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ୧୯.୫ ଓଭରରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୮ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରି ବିଜୟ ହସଲ କରିଥିଲା। ଝାଡ଼ଖଣ୍ଡ ସ୍ପୋର୍ଟିଂ ଦଳ ପକ୍ଷରୁ ସର୍ବାଧିକ ରୋନି କୁମାର ଯାଦବ ୩୩ ହର୍ଶ ସିଂ ୨୭ ଶ୍ରେଷ୍ଠ ୨୩ କୁମାର ଅଙ୍କିତ ୧୭ ରନ କରିଥିଲେ। ଶେଷ ୫ଟି ବଲ୍‌ରେ ୧୪ ରନ ଆବଶ୍ୟକ ଥିଲା ବେଳେ ୩ଟି ବଲ୍‌ରେ ୧୩ କରି ଦଳକୁ ବିଜୟୀ କରାଇଥିଲେ। ରାଉରକେଲା ପକ୍ଷରୁ ସର୍ବାଧିକ ମୃଦୂଲ ପାଣ୍ଡେ ୩ଟି ୱିକେଟ ଅଙ୍କିତକର ଜୟଶ୍ୱାଲ ଓ ଗୌତମ ସୁନା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ଖେଳର ଶ୍ରେଷ୍ଠ ଖେଳାଳି ଝାଡ଼ଖଣ୍ଡ ଟିମ୍‌ର ରୋନୀ କୁମାର ଯାଦବଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ଘୋଷଣା କରାଯାଇ ଥିଲା। ଏହି ପୁରସ୍କାର ବିତରଣୀ ଉତ୍ସବରେ ସାମ୍ମାନୀତ ଅତିଥିଭାବେ ଭାବେ ସାମ୍ବାଦିକ ମନୋଜ ଦାସ, ପାରିଷଦ ଦେବାଶିଷ ସ୍ୱାଇଁ, ଅଳସୁଆ ସରପଞ୍ଚ ଭ୍ରମରବର ସ୍ୱାଇଁ ପ୍ରମୁଖ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ଆଶୁତୋଷ ପାଣି, ସୌମେନ୍ଦ୍ର ପାତ୍ର, ବାପି ବିଶୋଇ, ଆଶୁତୋଷ ବେହେରା, ପ୍ରଶାନ୍ତ ମଲ୍ଲିକ, ସୁଦ୍ଧା ସେନାପତି, କରନ ଖାନ ଓ ମିଳନ ଓଝା ପରିଚାଳନା କରିଥିଲେ।




# ପାକିସ୍ତାନକୁ ସେହ୍ୱାଗଙ୍କ ସମାଲୋଚନା, ଭାରତୀୟ ସେନାକୁ ନୀରଜଙ୍କ ସମର୍ଥନ

**ନୂଆଦିଲ୍ଲୀ**



ଭାରତ ଓ ପାକିସ୍ତାନ ମଧ୍ୟରେ ସଂପ୍ରତି ଚାଲିଥିବା ଉତ୍ତେଜନାକୁ ନେଇ ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ପାକିସ୍ତାନ କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି। ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନର ସେନା ଦ୍ୱାରା ଅନାବଶ୍ୟକ ଆକ୍ରମଣକୁ ସେ କଡ଼ା ନିନ୍ଦା କରିଛନ୍ତି। ଏକ୍ସ ପୃଷ୍ଠାରେ ସେହ୍ୱାଗ ଲେଖିଛନ୍ତି, 'ଯୁଦ୍ଧ ପାକିସ୍ତାନ ବାଛିଛି। ଆମ ସେନା ଏହାର ଦୃଢ଼ ଜବାବ ଦେଇଛି। ଏହାକୁ କେବେ ପାକିସ୍ତାନ ଭୁଲି ପାରିବନି'।

ସେହିପରି ଅଲିମ୍ପିକ୍ସ ବିଜେତା ଜାଭ୍‌ଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଭାରତୀୟ ସେନାଙ୍କୁ ପ୍ରଶଂସା କରିବା ସହ ସାହସ ଦେବାକୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ସେ ଲେଖିଛନ୍ତି, 'ଆମେ ଆମର ସାହସୀ ଭାରତୀୟ ସେନା ପାଇଁ ଗର୍ବିତ। ସେମାନେ ଆମ ଦେଶ ପାଇଁ ଆତଙ୍କବାଦୀଙ୍କ ସହ ଲଢୁଛନ୍ତି। ଏବେ ଆମର କାର୍ଯ୍ୟ ହେଉଛି, ଏହି ସମୟରେ ଦେଶର ସୁରକ୍ଷା ଦୃଷ୍ଟିରୁ ସମସ୍ତ ନିୟମ ମାନିବା। ଜୟ ହିନ୍ଦ୍ ଜୟ ଭାରତ, ଜୟ ହିନ୍ଦ୍ କି ସେନା'। ପୂର୍ବତନ ଭାରତୀୟ କ୍ରିକେଟର ପ୍ରଜ୍ଞାନ ଓଝା, ହରଭଜନ ସିଂହ ଓ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ 'ଏକ୍ସ'ରେ ଲେଖାଲେଖି ଭାରତୀୟ ସେନାକୁ ସହଯୋଗ କରିବାକୁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି।

# ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ମିନି ଷ୍ଟାଡିୟମ କାର୍ଯ୍ୟ ଅଧାପନ୍ତରିଆ

**ରାଇରଙ୍ଗପୁର**

୧୦ ବର୍ଷ ବିତିଗଲାଣି ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ବିଜାତଲା ବ୍ଲକ୍ ଅନ୍ତର୍ଗତ ଖନ୍ତ ଛକ ନିକଟରେ ନିର୍ମିତ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଫାଟକ ଓ ପାଚେରୀ କାମ ଶେଷ କରି ଚୁପ୍‌ଚାପ୍ ବସିଛନ୍ତି ବିଭାଗୀୟ ଅଧିକାରୀ। ଆଶା ଥିଲା, ଷ୍ଟାଡ଼ିୟମ କାମ ଶେଷ ହେବା ପରେ ସ୍ଥାନୀୟ ଯୁବକଯୁବତୀ ବିଭିନ୍ନ ପ୍ରକାର ଖେଳଖେଳି ଖେଳିବାକୁ ସହଜ ହେବ। ଏଥିସହିତ କ୍ରୀଡ଼ା କ୍ଷେତ୍ରରେ ଅଗ୍ରସର ହେବାକୁ ଏହା ସୁଯୋଗ ସୃଷ୍ଟି କରିବ। କିନ୍ତୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ଧରି କାମ ଅଧାପନ୍ତରିଆ ପଡ଼ି ରହିଥିବାରୁ ସ୍ଥାନୀୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଛି।

ସୂଚନା ଅନୁସାରେ, ସାରସକଣା ବିଧାୟକ ଭାଦବ ହାଁସଦା ବିଧାୟକ ଥିବା ସମୟରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ଖନ୍ତସ୍ଥିତ ଖେଳ ପଡ଼ିଆକୁ ଚିହ୍ନଟ କରାଯାଇଥିଲା। ଏଥିପାଇଁ ୨୦୧୫-୧୬ ଆର୍ଥିକ ବର୍ଷରେ ୧୦ ଲକ୍ଷ ଓ ପରେ ୨୦୧୬-୧୭ ଆର୍ଥିକ ବର୍ଷରେ ପୁଣି ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହି ଅନୁଦାନ ରାଶିରେ ପଡ଼ିଆ ସମତୁଳ କରାଯାଇ ଏକ ଘର ଓ ଏହା ଉପରେ ଦର୍ଶକ ଗ୍ୟାଲେରୀ ନିର୍ମାଣ କରାଯିବା ସହ ଷ୍ଟାଡିୟମର ଏକ ଫାଟକ ନିର୍ମାଣ କରାଯିବାର ଯୋଜନା ରହିଥିଲା।

ତେବେ ଏହି ଷ୍ଟାଡିୟମ ସମ୍ପୂର୍ଣ୍ଣ ହେବା ପାଇଁ ଆହୁରି ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଆଉ କାମ ଆଗେଇ ପାରିନଥିଲା। ଫଳରେ ଏବେ ଏହା ଅଧାପନ୍ତରିଆ ହୋଇ ପଡ଼ିରହିଛି। ସ୍ଥାନୀୟ ଜନପ୍ରତିନିଧି, ବିଭାଗୀୟ ଅଧିକାରୀଙ୍କୁ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଏହି ଷ୍ଟାଡିୟମ ପାଇଁ ଅଧିକ ଅନୁଦାନ ଆସି ପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। ଯେଉଁଥିପାଇଁ ୧୦ ବର୍ଷ ହେଲା ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନି କି ଏହା କାର୍ଯ୍ୟକ୍ଷମ ହୋଇପାରୁନି। ଫଳରେ କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଥରେ ବିଜେଡି ବିଧାୟକ ଏବଂ ଦୁଇଦୁଇ ଥର ବିଜେପି ବିଧାୟକ ଉକ୍ତ ନିର୍ବାଚନ ମଣ୍ଡଳୀରେ ନିର୍ବାଚିତ ହୋଇଥିଲେ ମଧ୍ୟ ଅଧାପନ୍ତରିଆ ଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁନି। ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ଏନେଇ କ୍ଷୋଭ ପ୍ରକାଶ କରି କହିଛନ୍ତି, ୧୦ ବର୍ଷ ଧରି ମିନିଷ୍ଟାଡିୟମ କାମ ସରୁନି। କ୍ରୀଡ଼ାବିତ୍‌ମାନେ କହିବା ଅନୁଯାୟୀ ମିନି ଷ୍ଟାଡିୟମ ନିର୍ମାଣ ହେବା ପୂର୍ବରୁ ଉକ୍ତ ପଡ଼ିଆରେ ବିଭିନ୍ନ ପ୍ରକାର ଖେଳ ଖେଳୁଥିଲେ କିନ୍ତୁ ନିର୍ମାଣ ଅଧପନ୍ତରିଆ ଥିବାରୁ ପଡ଼ିଆର ଅବସ୍ଥା ଅତି ଶଚନିୟ ଥିବାରୁ ଖେଳିବାରୁ ବଞ୍ଚିତ ହେଉଛନ୍ତି। ଜନପ୍ରତିନିଧି ଆନ୍ତରିକତାର ସହିତ ଉଦ୍ୟମ କରିବା ଉଚିତ ଷ୍ଟାଡିୟମ କାର୍ଯ୍ୟକାରୀ ହେଲେ ଏହି ଅଞ୍ଚଳରୁ ବହୁ ଖେଳାଳି ସୃଷ୍ଟି ହୋଇ ଦେଶବିଦେଶରେ ନାମ ରଖିଥାନ୍ତେ।

# ଆଇନସେବା ପ୍ରାଧିକରଣ ଦ୍ୱାରା ୨ୟ ଜାତୀୟସ୍ତରୀୟ ଲୋକ ଅଦାଲତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଶନିବାର ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ ଏବଂ ଜେ.ଏମ.ଏଫ.ସି., ମାଥିଲି ଓ ଜେ.ଏମ. ଏଫ. ସି., କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟାଳୟ, କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ଦ୍ୱିତୀୟ ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁ ଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଡଃ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ୍ ଶାନ୍ତନୁ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ଉପଖଣ୍ଡ ଦଣ୍ଡାକରି ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, କୁଡୁମୁଲୁଗୁମ୍ମା ବିମଳ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୪୧୬୭ ଗୋଟି ମୋକଦ୍ଦମାର ଫଇସଲା କରାଯାଇ ୩୫୧୮୩୨/- ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲାଜଜ୍ କୋର୍ଟ, ସବ୍‌ଜଜ୍ କୋର୍ଟ, ଏସଡ଼ିଜେଏମ କୋର୍ଟ, ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି, ମୋଟୁର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁର ଓକିଲ ସଂଘର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ପୁଣି ଫେରିଲେ ୨୪ ଟିକିଆ ହାତପଲ : ଭାଙ୍ଗିଲେ ଘର

**ପାଟଣା, ନ୍ୟୁଜ୍‌ବ୍ୟୁରୋ**

କିଛି ଦିନର ବ୍ୟବଧାନ ପରେ ପୁଣି ପାଟଣା ବନାଞ୍ଚଳକୁ ୨୪ ଟିକିଆ ପୁଣି ହାତୀପଲ ଫେରିଛନ୍ତି। ହାତୀଙ୍କ ଭୟରେ ଲୋକଙ୍କ ନିଦ ହଜିଯାଇଥିବା ବେଳେ ଏହି ହାତୀପଲ ଘର କାନ୍ଥ, କବାଟ ଭାଙ୍ଗିବା ସହ ଚାଷୀମାନଙ୍କ ପରିବା କ୍ଷେତକୁ ନଷ୍ଟ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ହାତୀପଲ ସାହରପଡ଼ା ବ୍ଲକ ବେଗନା ଗାଁ ପଟରୁ ଖଜୁରିଡିହା ଦେଇ ତେଣ୍ଡରା, ଚୁଟିଆପଶି, ଭାଲିଆଡାଳ ହୋଇ ଅସନବାହାଳି ଗ୍ରାମରେ ପ୍ରବେଶ କରିଥିଲେ। କପୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଚୁଟିଆପଶି ଗ୍ରାମର ସମରା ମୁଣ୍ଡାଙ୍କର ଆଜବେଷ୍ଟ ଭାଙ୍ଗିବା ସହ ଘର କବାଟ ଭାଙ୍ଗି ଦେଇଛି। ସେହିପରି ଚୁଟିଆପଶି ଗ୍ରାମର ଚଇତି ମୁଣ୍ଡାଙ୍କ ଘର ହାତୀ ଭାଙ୍ଗିବା ସହ ଆଉ ଜଣଙ୍କ ଘର ମଧ୍ୟ ଭାଙ୍ଗିଛି। ମିରିଗିଖୋଜି ପଞ୍ଚାୟତ ଅନ୍ତର୍ଗତ ଭାଲିଆଡାଳ ଗ୍ରାମର ବାଙ୍ଗୁରୁ ମୁଣ୍ଡାଙ୍କର ଘର କବାଟ ଭାଙ୍ଗି ଦେଇ ଚାଉଳ ଖାଇଦେଇଥିବା ବେଳେ ନିରାଶ ଖଟେଇଙ୍କର ଘର କାନ୍ଥ ଭାଙ୍ଗି ଦେଇଛି। ସେପଟେ ସୁହାଗପୁର ଗ୍ରାମର ଦୁଃଖିନୀ ମୁଣ୍ଡାଙ୍କର ଘର ହାତୀ ଭାଙ୍ଗିଛି। ଅସନବାହାଳି ଗ୍ରାମର ମଙ୍ଗୁଲୁ ମୁଣ୍ଡା ଓ ରସା ମୁଣ୍ଡାଙ୍କର ଘର କବାଟ ଭାଙ୍ଗିବା ସହ କାନ୍ଥଭାଙ୍ଗି ଚାଉଳ ଖାଇଦେଇଥିବା ଜଣାପଡିଛି।



# ୨୦ ବର୍ଷ ଯୁବତୀଙ୍କ ମୃତ୍ୟୁ ଘଟଣାକୁ ଚପାଇଦେବାକୁ ଉଦ୍ୟମ : ବଡ଼ ଭଉଣୀଙ୍କ ଥାନାରେ ଅଭିଯୋଗ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଲର ପଞ୍ଚାୟତ ନାଲପୁର ଗ୍ରାମରେ ୨୦ ବର୍ଷର ଯୁବତୀ ଚିନ୍ମୟୀ ବେହେରାଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସାନ ଭଉଣୀର ମୃତ୍ୟୁ ଘଟଣାକୁ ଆତ୍ମହତ୍ୟା ରୂପ ଦେଇ ଚପାଇଦେବାକୁ ଉଦ୍ୟମ ହେଉଥିବା ବଡ଼ ଭଉଣୀ ସରୋଜିନୀ କହୁଥିବା ବେଳେ ସ୍ୱଚ୍ଛତାର ସହିତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଓ ନ୍ୟାୟ ପ୍ରଦାନ ପାଇଁ ଅଭିଯୋଗ କରିଛନ୍ତି। ଚିନ୍ମୟୀଙ୍କ ବଡ଼ ଭଉଣୀ ସରୋଜିନୀ ତାଙ୍କ ସାନ ଭଉଣୀକୁ ମାରି ଟାଙ୍ଗିଦେଇଥିବା ନେଇ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ମୁତାବକ ନାଲପୁର ଗ୍ରାମର ଛବିଳ କିଶୋର ବେହେରାଙ୍କ ଦୁଇ ଝିଅ ଓ ଦୁଇ ପୁଅ ଅଛନ୍ତି।

୭ ତାରିଖ ଦିନ ଛବିଳଙ୍କ ଝିଅ ଚିନ୍ମୟୀ ୨୦ଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ତାଙ୍କ ବଡ଼ ଭଉଣୀ ସରୋଜିନୀ ଘରେ ପହଞ୍ଚିଥିଲେ। ଘରେ ପହଞ୍ଚିବାବେଳେକୁ ଅତ୍ୟନ୍ତ ତରବରିଆ ଭାବେ ଚିନ୍ମୟୀର ମର ଶରୀରକୁ ପୋଡ଼ିବାପାଇଁ କାଠ ଓ ସଙ୍ଗାଡି ପ୍ରସ୍ତୁତି ହେଉଥିବା ଦେଖି ସନ୍ଦେହ କରିଥିଲେ। ୭ ତାରିଖ ଦିନ ଚିନ୍ମୟୀଙ୍କ ସହିତ ତାଙ୍କ ସାନ ଖୁଡି ଓ ଝିଅ ସହିତ କୌଣସି କାରଣରୁ ବଚସା ହୋଇଥିଲା, ଯାହାକୁ ନେଇ ସାନ ଖୁଡି ଓ ତାଙ୍କ ଝିଅ ଚିନ୍ମୟୀକୁ ମାଡିପିଟ୍ କରିଥିଲେ। ପରେ ଦେଖିବାକୁ ପାଇଥିଲେ ଯେ ଚିନ୍ମୟୀ ଏକ ଘରେ ପଙ୍ଖାରେ ଦଉଡି ଦେଇଥିବା। ତଳେ ପକାରେ କିନ୍ତୁ ଗୋଡ଼ ଲାଗିଥିଲା ଯାହା ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ହତ୍ୟା କରି ଟାଙ୍ଗିଦେଇଥିବା ସନ୍ଦେହ କରି ତଦନ୍ତ ପାଇଁ ବଡ଼ ଭଉଣୀ ସରୋଜିନୀ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତିର୍ତ୍ତୋଲ ପୋଲିସ ଖବର ପାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ପ୍ରଥମେ ମଣିଜଙ୍ଗା ମେଡିକାଲ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବାପରେ ଶବବ୍ୟବଚ୍ଛେଦ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ।

# ପୋଲିସର ଚଢ଼ଉ : ୩ ବନ୍ଧୁକ, ୭୦ ଗୁଳି ଜବତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ସହର ଥାନା ଅନ୍ତର୍ଗତ ଇନ୍ଦାଳୋଠାରେ ଗତ ୪ ତାରିଖରେ ଗୁଳିକାଣ୍ଡ ହୋଇଥିଲା। ଏହି ଗୁଳିକାଣ୍ଡରେ ଅପରାଧୀଙ୍କୁ ଧରିବାକୁ ଜିଲ୍ଲା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ଏହି କ୍ରମରେ ଗୁରୁବାର ବିଳମ୍ବିତ ରାତିରେ ଟାଉନ ଥାନା ଅନ୍ତର୍ଗତ ସହରର ଦିଲାରପୁରର ସେକ ୱାସିମ୍‌ଙ୍କ ଘର ଉପରେ ଶୁକ୍ରବାର ଚଢ଼ଉ ହୋଇଥିଲା। ଏହି ସମୟରେ ଘର ମଧ୍ୟରେ ଥିବା ୩ ବନ୍ଧୁକ ଓ ୭୦ ଗୁଳି ଜବତ ହୋଇଛି। ତେବେ ଚଢ଼ଉ ପୂର୍ବରୁ ଘର ମାଲିକ ୱାସିମ୍ ଫେରାର ହୋଇଯାଇଥିଲା। ଘରର ଜଣେ ମହିଳା ସଦସ୍ୟଙ୍କୁ ଟାଉନ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି।

# ବିଭାଗୀୟ ଅବହେଳା ଯୋଗୁ ହୋଇପାରୁନି ଶ୍ରମିକଙ୍କ ନାମ ପଞ୍ଜୀକରଣ

**ଦେବଗଡ଼, ନ୍ୟୁଜ୍‌ବ୍ୟୁରୋ**

ଶ୍ରମ ବିଭାଗର ଚରମ ଅବହେଳା, ଉଦାସୀନତା ତଥା ଅବହେଳା ପାଇଁ ଦେବଗଡ଼ ଜିଲ୍ଲାରେ ବହୁ ଶ୍ରମିକ ବଞ୍ଚିତ ହୋଇଥିବା ବେଳେ ଶତାଧିକ ଶ୍ରମିକଙ୍କର କାର୍ଡ ନବୀକରଣ ହୋଇପାରୁନାହିଁ। ଏପରିକି ଅନ୍‌ଲାଇନ୍ ଯୋଗେ ଆବେଦନ କରିଥିଲେ ହେଁ ଶହଶହ ଶ୍ରମିକଙ୍କ ନାମ ପଞ୍ଜୀକୃତ ହୋଇପାରି ନାହିଁ। ଫଳରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏପରିକି ବିବାହ କାଳୀନ ସହାୟତା, ମୃତ୍ୟୁ କାଳୀନ ସହାୟତା ଓ ଶିକ୍ଷା ସହାୟତା ପାଇବାରୁ ବଞ୍ଚିତ ହେବା ସହ ସେମାନଙ୍କ ମଧ୍ୟରେ ଘୋର ହତାଶା ଭାବ ପ୍ରକାଶ ପାଇଛି। ଫଳରେ ଦେବଗଡ଼ ଜିଲ୍ଲା ଶ୍ରମିକ ଟ୍ରେଡ୍ ୟୁନିଅନ ପକ୍ଷରୁ କ୍ଷୋଭ ପ୍ରକାଶ ପାଇବା ସହ ଏହାର ସମାଧାନ ପାଇଁ ଶ୍ରମ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଦାବି କରାଯାଇଛି।



ଜିଲ୍ଲା ଶ୍ରମିକ ଟ୍ରେଡ୍ ୟୁନିଅନର ସଭାପତି ନିରାକାର ପ୍ରଧାନ, ଉପସଭାପତି କୃଷ୍ଣଚନ୍ଦ୍ର ଭୋଇ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ପ୍ରଧାନ, ସହସମ୍ପାଦକ ମନୋଜ ଦଣ୍ଡିଆ, କାର୍ଯ୍ୟକାରୀ କମିଟି ସଦସ୍ୟ ଡୋଳାକାର ଭୋଇ ଓ ଉପଦେଷ୍ଟା ହୀରାଧର ସାହୁଙ୍କ ସମେତ ଟ୍ରେଡ୍ ୟୁନିଅନର ବହୁ ସଦସ୍ୟ ଓ କର୍ମକର୍ତ୍ତା ଦେବଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ଜିଲା ଶ୍ରମ ଅଧିକାରିଣୀଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଜିଲା ଶ୍ରମିକ ଟ୍ରେଡ୍ ୟୁନିଅନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ସହ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦିଆଯାଇଛି।

# ମହିଳା ହୋମଗାର୍ଡଙ୍କୁ ନିର୍ଯାତନା ମାମଲା : ଆଡସିନାଲ ଆଇଆଇସିଙ୍କୁ ସର୍ତ୍ତମୂଳକ ଜାମିନ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଗଛ ଲଗାଇବେ ଆଡସିନାଲ ଆଇଆଇସି। କାର୍ଯ୍ୟରତ ମହିଳା ହୋମଗାର୍ଡଙ୍କୁ ପ୍ରେମ, ପ୍ରତାରଣା ଓ ଶୋଷଣ ମାମଲାରେ ଜଗତସିଂହପୁର ଥାନାର ନିଲମ୍ବିତ ଆଡସିନାଲ ଆଇଆଇସି ତପନ କୁମାର ନାହାକଙ୍କ ମିଳିଲା ସର୍ତ୍ତମୂଳକ ଜାମିନ। ଜାମିନ ପ୍ରଦାନ କରିଛନ୍ତି ଓଡ଼ିଶା ହାଇକୋର୍ଟ। ଜାମିନରେ ମୁକୁଳିବା ପରେ ସେ ନିଜ ଗ୍ରାମ ନିକଟରେ ୧୦୦ ଗଛ ଲଗାଇବାକୁ ସର୍ତ୍ତ ରଖିଛନ୍ତି କୋର୍ଟ। ବିଶେଷକରି ଆମ୍ବ, ନିମ, ତେନ୍ତୁଳି ଗଛ ଲଗାଇବାକୁ କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଆଗାମୀ ମୌସୁମୀରେ ଏହି ଗଛ ସରକାରୀ ଜମି ବା ଗୋଷ୍ଠୀ କିମ୍ବା ଘରୋଇ ଜମିରେ ଲଗାଇବେ। ଯଦି ଜମି ଉପଲବ୍ଧ ନ ହୁଏ, ତେବେ ଚାରା ରୋପଣ ପାଇଁ ଆବଶ୍ୟକ ଜମି ଚିହ୍ନଟ ପ୍ରସଙ୍ଗରେ ରାଜସ୍ୱ କର୍ତ୍ତୃପକ୍ଷ ସହାୟତା କରିବେ ବୋଲି କୋର୍ଟ କହିଛନ୍ତି। ଜିଲ୍ଲା ନର୍ସରୀ କିମ୍ବା ଡିଏଫଓ ଚାରା ଯୋଗାଇବା ପ୍ରସଙ୍ଗରେ ସହଯୋଗ କରିବାକୁ କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ତେବେ ଆବେଦନକାରୀ ଚାରା ରୋପଣ କରିଲେ କି ନାହିଁ ତାହା ସମ୍ପୃକ୍ତ ଥାନା ଆଇଆଇସି ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ସହିତ ସମନ୍ୱୟ ରଖି ତଦାରଖ କରିବେ। କେବଳ ସେତିକି ନୁହେଁ ଏହି ସବୁ ଚାରାର ଦୁଇ ବର୍ଷ ପର୍ଯ୍ୟନ୍ତ ଯତ୍ନ ନେବା ପ୍ରସଙ୍ଗରେ ଆବେଦନକାରୀ ସ୍ଥାନୀୟ ଥାନାରେ ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ସେହିପରି ସେ ସ୍ଥାନୀୟ ଥାନାରେ ପ୍ରତି ସୋମବାର ଦିନ ୧୦ଟାରୁ ୧ଟା ଭିତରେ ହାଜର ବି ହେବେ। କାର୍ଯ୍ୟରତ ଅବିବାହିତା ମହିଳା ହୋମଗାର୍ଡଙ୍କୁ ପ୍ରେମ, ପ୍ରତାରଣା ଓ ଶୋଷଣ ମାମଲାରେ ନିଲମ୍ବିତ ଆଇଆଇସି ତପନ କୁମାର ନାହାକଙ୍କ ଜାମିନ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଣେ ମହିଳା ହୋମଗାର୍ଡ, ଦୀର୍ଘବର୍ଷ ଧରି ଜଗତସିଂହପୁର ଥାନାରେ କାର୍ଯ୍ୟରତ ଥିଲେ। ଇନ୍ସପେକ୍ଟର ତପନ କୁମାର ଗତବର୍ଷ ଅତିରିକ୍ତ ଆଇଆଇସି ଦାୟିତ୍ୱରେ ରହିଥିଲେ। ଏହା ପରେ କିଛିଦିନ ଧରି କାମଚଳା ଆଇଆଇସି ଦାୟିତ୍ୱରେ ରହିଥିଲେ। ସେହି ସମୟରେ ବିବାହର ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀ ମହିଳା ହୋମଗାର୍ଡଙ୍କ ସହ ସେ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଥିଲା। ଏପରିକି ହ୍ୱାଟସଆପରେ ପ୍ରେମ ବାର୍ତ୍ତାଳାପ, ଏକାଠି ପାରାଦୀପ ଓ ପୁରୀ ଏକାଧିକ ଥର ବୁଲିବାକୁ ଯିବା ସହ ରେଡ୍ ବେଳେ ବାହାର ଜିଲ୍ଲାକୁ ସାଙ୍ଗରେ ନେଇ ଯାଇଥିଲେ। ମହିଳା ହୋମଗାର୍ଡ ଜଗତସିଂହପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ପୀଡ଼ିତାଙ୍କର ଡାକ୍ତରୀମାଇନା ସହ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା। ଏହାପରେ ପୋଲିସ ସମ୍ପୃକ୍ତ ଆଇଆଇସିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିମ୍ନ ଅଦାଲତରେ ଜାମିନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ଏହି ଜାମିନ ଆବେଦନର ଶୁଣାଣି କରି ଏପରି ନିଆରା ସର୍ତ୍ତ ନିର୍ଦ୍ଧାରଣ କରିଛନ୍ତି।

ଭୁବନେଶ୍ୱର
୧୧ ମଇ,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରଥଖଳା ହାଲ୍‌ଚାଲ୍... ତୁମ୍ୱରେ ଅର ବିନ୍ଧ କାମ ଶେଷ

**ପୁରୀ,୧୦/୦୫ ନ୍ୟୁଜ ବ୍ୟୁରୋ**

ରଥ ଖଳାରେ ବିଶ୍ୱକର୍ମାମାନେ ରଥତ୍ରୟର ୪୨ ତୁମ୍ୱରେ ଅର ବିନ୍ଧ ଖୋଦେଇ ସାରିଛନ୍ତି। ପ୍ରତି ତୁମ୍ୱରେ ୧୬ ଯୋଡ଼ା ଲେଖାଏଁ ବିନ୍ଧ ହୋଇଛି। ସେଥିରେ ଅର ଭୁଞ୍ଜା ଯିବ। ସୁତାବାଡ଼ିଆ ପରେ କରତି ସେବକମାନେ ତୁମ୍ୱରେ ଘେର କାଟୁଛନ୍ତି। ଫଳରେ ବଳକା ଅଂଶ ବାହାରି ଚକ ପାଇଁ ପ୍ରସ୍ତୁତ ହେଉଛି ତୁମ୍ୱ । ୪୨ରୁ ୧୯ ତୁମ୍ୱର ଘେର କଟା ସରିଥିବା କହିଛନ୍ତି ମୁଖ୍ୟ କରତି ସେବକ ରଣଜିତ ମହାରଣା । ସେହିଭଳି ତୁମ୍ୱରେ ଅର କଣ୍ଟା ପାଇଁ ଅଗର ବିନ୍ଧ ମଧ୍ୟ ସରିବା ଉପରେ । ଶାଳରେ ଓଝା ସେବକ ରଥ ପାଇଁ ଅର କଣ୍ଟା ନିର୍ମାଣ ସାରି ପନ୍ଦାରି କାମରେ ଲାଗିଛନ୍ତି । ତାଳଧ୍ୱଜ ରଥର ୧୪ ଚକ ପାଇଁ ୪୪୮ ଅରକଣ୍ଟା, ଦେବଦଳନ ରଥର ୧୨ଟି ଚକ ପାଇଁ ୩୮୪ ଓ ନନ୍ଦିଘୋଷର ୧୬ଟି ଚକ ପାଇଁ ୫୧୨ ଅର କଣ୍ଟା ଆବଶ୍ୟକ ବୋଲି ସୂଚନା ରହିଛି ।

ନୃସିଂହ ଚତୁର୍ଦ୍ଦଶୀ ପାଇଁ ଖଳାରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୋଇ ସେବକମାନେ ୧୨ ଫୁଟିଆ ଅରମୁଣ୍ଡି ଧଉରା କାଠ ଯୋଗାଇଛନ୍ତି। ରଥ ନିର୍ମାଣ ପରମ୍ପରାରେ ସେଦିନ ହେବ ଗୁଜ ଅନୁକୂଳ। ରୂପକାର ସେବକମାନେ ରଥ ନିର୍ମାଣ କାର୍ଯ୍ୟରେ ଯୋଗଦେବେ। ଅରମୁଣ୍ଡି ଚଉପଟ ହେଲେ ସେଥିରେ କାମ କରିବେ ରୂପକାର। ଏଥିସହ ରଥ ଚକ ପ୍ରସ୍ତୁତି ପାଇଁ ଭୋଇସେବକ ମାନେ ଯନ୍ତା ଗାଡ଼ ଖୋଳିବେ।

ଚର୍ଚ୍ଚିକା ଠାକୁରାଣୀଙ୍କ ସମ୍ମୁଖ ବଡ଼ଦାଣ୍ଡରେ ଖୋଳାହେବ ଯନ୍ତାଗାଡ଼। ସେଠାରେ ସିଙ୍ଗଡ଼ା ବାଡ଼ିଆ ପଦ୍ଧତି ରଥ ଚକ ପ୍ରସ୍ତୁତ ହେବ। ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ରଥ ଖଳାରେ ନିର୍ମାଣ ଅଗ୍ରଗତି ଦେଖିବା ସହ ନିର୍ମାଣକାରୀଙ୍କ ଆବଶ୍ୟକତା ବୁଝି ମହାପ୍ରଭୁଙ୍କ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ରାତିରେ ୬୦ ଖଣ୍ଡ ପହି କାଠ ରଥଖଳାରେ ପହଞ୍ଚିଥିବା ଜଣାଯାଇଛି।



# ଶ୍ରୀମନ୍ଦିରର ୪ ଦ୍ୱାରରେ ସମସ୍ତ ଡିଏଫ୍‌ଏମ୍‌ଡି ଅଚଳ

**ପୁରୀ,୧୦/୦୫ ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର ଚାରି ଦ୍ୱାରରେ ସମସ୍ତ ଡିଏଫ୍‌ଏମ୍‌ଡି (ଡୋର ଫ୍ରେମ୍ ମେଟାଲ୍ ଡିଟେକ୍ଟର) ମେସିନ୍ ଅଚଳ ହୋଇ ପଡ଼ିଛି। ସିଂହଦ୍ୱାରରେ ୫ଟି ଓ ଅନ୍ୟ ୩ ଦ୍ୱାରରେ ୩ଟି ଡିଏଫ୍‌ଏମ୍‌ଡି ନିଷ୍କ୍ରିୟ ଅବସ୍ଥାରେ ଥିବାବେଳେ ହାତ ମାରି ଯାଞ୍ଚ୍ କରୁଛି ପୁଲିସ। ଶ୍ରୀମନ୍ଦିର ଭିତରକୁ ସମସ୍ତ ପ୍ରବେଶ ପଥରେ ଏହି ମେସିନ୍ ଲାଗିଛି। ସିଂହଦ୍ୱାରରେ ଥିବା ୫ଟି ଲେନ୍‌ରେ ୫ଟି ଅଚଳ ମେସିନ୍ ଭିତରେ ପ୍ରବେଶ କରି ଶ୍ରୀମନ୍ଦିର ଭିତରକୁ ଯାଉଛନ୍ତି ଶ୍ରଦ୍ଧାଳୁ। ହେଲେ ଅନ୍ୟ ୩ ଦ୍ୱାର ଠାରେ ଥିବା ୩ଟି ଅଚଳ ମେସିନ୍ ପାର୍ଶ୍ୱ ଦେଇ ଶ୍ରଦ୍ଧାଳୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି। ମାସ ମାସ ଧରି ଏହି ଅଚଳ ମେସିନ୍ ୪ ଦ୍ୱାରରେ ଲାଗିଥିବା ବେଳେ ଏହାର ମରାମତି କରାଯାଉ ନାହିଁ। କିନ୍ତୁ ଗଣମାଧ୍ୟମକୁ ତଥ୍ୟ ଦେବାବେଳେ ଏହି ମେସିନ୍ ସଚଳ ଥିବା ନେଇ ପୁଲିସ ଭୁଲ୍ ସୂଚନା ପ୍ରଦାନ କରୁଥିବା ଜଣାପଡ଼ିଛି। ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏବେ ଯୁଦ୍ଧ ସମୟରେ ଶ୍ରୀମନ୍ଦିର ଭଳି ସମ୍ବେଦନଶୀଳ ସ୍ଥାନରେ ଅଘଟଣର ଆଶଙ୍କା ରହିଛି। ତେଣୁ ଅବ୍ୟବସ୍ଥାକୁ ତୁରନ୍ତ ଦୂର କରିବାକୁ ଦାବି ହେଉଛି।

# ବାର୍ ଡ୍ୟାନ୍ସ ଉପରେ କଟକଣା ମାମଲା: ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ

**କଟକ,୧୦/୦୫ ନ୍ୟୁଜ ବ୍ୟୁରୋ**



ଓଡ଼ିଶା ଅବକାରୀ (ସଂଶୋଧିତ) ଆଇନ-୨୦୨୪ ଆଧାରରେ ଭୁବନେଶ୍ୱରର ବିଭିନ୍ନ ଠିପିଖୋଲା ମଦ ବାର୍‌ରେ ଝିଅଙ୍କ ନାଚିବା (ବାର୍ ଡ୍ୟାନ୍ସ) ଉପରେ କଟକଣାକୁ ବିରୋଧ କରି ରୁଜୁ ମାମଲାରେ ଶୁକ୍ରବାର ଉଭୟ ରାଜ୍ୟ ସରକାର ଏବଂ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି । ପରେ ଆବେଦନକାରୀଙ୍କ ପକ୍ଷରୁ ଲିଖିତ ଯୁକ୍ତି ଉପସ୍ଥାପନ କରାଯାଇ ଥିଲା। ରାଜ୍ୟ ସରକାର ଲିଖିତ ଯୁକ୍ତି ଉପସ୍ଥାପନ ପାଇଁ ସମୟ ମାଗି ଥିଲେ। ହାଇକୋର୍ଟ ଆସନ୍ତା ୧୪ ତାରିଖ ମଧ୍ୟରେ ଲିଖିତ ଯୁକ୍ତି ଉପସ୍ଥାପନ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ହାଇକୋର୍ଟ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି। ଭୁବନେଶ୍ୱରର ହୋଟେଲ୍ ଏକାମ୍ର ଠିପି ଖୋଲା ମଦ ବାର୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉକି, ରାଜ୍ୟ ସରକାର ନିକଟରେ ରାଜ୍ୟ ଅବକାରୀ ନୀତିରେ ସଂଶୋଧନ ଆଣିଛନ୍ତି। ନୂଆ ନିୟମରେ ନାଚିବାରେ ସଂପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏହାକୁ ବିରୋଧ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରି ଦର୍ଶାଇଥିଲେ ଯେ, ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି। ଏହା ଉପରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତ କୁମାର ଗଜେନ୍ଦ୍ର ଯୁକ୍ତିରେ ଦର୍ଶାଇଥିଲେ ଯେ, ସୁରକ୍ଷା ଆଳରେ ସରକାର ମହିଳାଙ୍କ ସ୍ୱାଧୀନତାରେ ରୋକ୍ ଲଗାଇ ପାରିବେ ନାହିଁ । ବାର୍‌ରେ ମହିଳାଙ୍କ ଡ୍ୟାନ୍ସରେ କଟକଣା ଲଗାଯାଇ ପାରିବନାହିଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କହିଛନ୍ତି। ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି ।

## କ୍ରୀଡ଼ାର ବିକାଶ ନେଇ ବୁଝାମଣା

# କିଟ୍-କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ

**ଭୁବନେଶ୍ୱର, ୧୦।୫ ନ୍ୟୁଜ ବ୍ୟୁରୋ**



କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ। ଏନେଇ ଶୁକ୍ରବାର କିଟ୍-କିସ୍ ଓ ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା ବେଳେ ଅନ୍ୟ ପକ୍ଷରେ ଲିଆଣ୍ଡର ପେସ୍ ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି। ବୁଝାମଣାପତ୍ର ଅନୁଯାୟୀ ଲିଆଣ୍ଡର ପେସ୍-ସାମନ୍ତ ଏକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବେ। କ୍ରୀଡ଼ା କ୍ଷେତ୍ରରେ ଏକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ କିଟ୍ ଓ କିସ୍ ଭାରତରେ ମାଇଲ୍‌ଖୁଣ୍ଟ ସ୍ଥାପନ କରିଥିବାରୁ ଲିଆଣ୍ଡର କିଟ୍ ଓ କିସ୍ ସହ ସହବନ୍ଧିତ ହୋଇ ଏହାକୁ ଆହୁରି ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି। ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବ ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ। ଅଲିମ୍ପିଆନ୍, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତୀୟ ପୂର୍ବତନ ଟେନିସ୍ ଖେଳାଳି, ପ୍ରଥମ ଏସୀୟ ପୁରୁଷ ଯିଏ କି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି। ସେ ଆଠଟି ପୁରୁଷ ଡବଲ୍ସ ଏବଂ ଦଶଟି ମିଶ୍ରିତ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି ।

ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିଟ୍ ଓ କିସ୍‌ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି ସେ କହିଛନ୍ତି। ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର ପ୍ରତିଭାମାନଙ୍କୁ ଆଣି ଏହି ଏକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ। କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଏକାଡେମୀ କରିବାକୁ ଯାଉଥିବାରୁ ବହୁତ ଆନନ୍ଦିତ ବୋଲି ଲିଆଣ୍ଡର କହିଛନ୍ତି।

ଅନ୍ୟ ପକ୍ଷରେ ଡ. ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରି ଆସୁଛି। ଲିଆଣ୍ଡର ପେସ୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇ ଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି। ଏହା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି। ଏହି କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା ହେବା ଦ୍ୱାରା କ୍ରୀଡ଼ାବିତ୍ ବିଶେଷକରି ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଉପକୃତ ହେବେ ବୋଲି ଡ. ସାମନ୍ତ କହିଛନ୍ତି।

# ସେନାର ମନୋବଳ ବୃଦ୍ଧି ପାଇଁ ବିଜେଡିର ତ୍ରିରଙ୍ଗା ଯାତ୍ରା

**ଭୁବନେଶ୍ୱର, ୧୦।୫: ନ୍ୟୁଜ ବ୍ୟୁରୋ**



ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କ ହତ୍ୟାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଛି ଯୁଦ୍ଧ ପରିସ୍ଥିତି। ପାକିସ୍ତାନ ପଟୁ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଙ୍ଘନ ଓ ଭାରତ ଉପରେ ମିଜାଇଲ ଓ ଡ୍ରୋନ ଆକ୍ରମଣ କରୁଥିବା ପାକିସ୍ତାନକୁ ଭାରତୀୟ ଯବାନ ମୁହଁତୋଡ଼ ଜବାବ ଦେଇଛନ୍ତି। ଉତ୍ସର୍ଗୀକୃତ ମନୋଭାବ ସହ ଯବାନମାନଙ୍କ ନିଷ୍ଠା ଓ ପରାକାଷ୍ଠା ପାଇଁ ପାକିସ୍ତାନର ସମସ୍ତ ଆକ୍ରମଣ ଉଦ୍ୟମ ପଣ୍ଡ ହେବା ସହ ପଛଘୁଞ୍ଚା ଦେଇଛି ପାକିସ୍ତାନ। ଏହି ପରିପ୍ରେକ୍ଷୀରେ ଭାରତୀୟ ଯବାନମାନଙ୍କ ମନୋବଳ ବଢ଼ାଇବା ପାଇଁ ବିଜୁ ଜନତା ଦଳ ତରଫରୁ ଶନିବାର ରାଜମହଲ ଛକ ଠାରୁ ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିରଙ୍ଗା ଯାତ୍ରାରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ବହୁ ସଂଖ୍ୟାରେ ଯୁବ, ଛାତ୍ର ଓ ମହିଳା ସାମିଲ ହୋଇଥିଲେ। ତ୍ରିରଙ୍ଗା ଯାତ୍ରା ପରେ ମାଷ୍ଟର କ୍ୟାଣ୍ଟିନ ଛକରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

ଏହି ସଭାରେ ଦଳର ଉପସଭାପତି ତଥା ରାଜ୍ୟ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, ଉପସଭାପତି ତଥା ପିଏସି ସଦସ୍ୟ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟସଭା ସାଂସଦ ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ରମେଶ ବେହେରା, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନବ କିଶୋର ସେଠୀ, ସୁନିଲ ମହାନ୍ତି, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଉମାକାନ୍ତ ସାମନ୍ତରାୟ, ଗଣେଶ୍ୱର ପାତ୍ର, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ମନ୍ମଥ ରାଉତରାୟ, ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ, ଶୁଭେନ୍ଦୁ ମଙ୍ଗରାଜ, ଧୃତୀ ରଞ୍ଜନ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦୁଝର : ଧରଣୀଧର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'ବିପ୍ଳବର ଭୂମି କେନ୍ଦୁଝରର ମହାନାୟକ ଧରଣୀଧର' ପୁସ୍ତକଟିକୁ ରଙ୍ଗବତୀ ମହୋତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ କେନ୍ଦୁଝରର ସାଂସଦ ଓ ବିଧାୟକମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିବା ସହ ପୁସ୍ତକର ଲେଖକ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ହୀରାକୁଦକୁ ଅଣ୍ଡାଦାନ ପାଇଁ ସୁରକ୍ଷିତ ସ୍ଥାନ ମଣୁଛନ୍ତି ବିଦେଶୀ ପକ୍ଷୀ

**ସମ୍ବଲପୁର, ୧୦/୫ ନ୍ୟୁଜ ବ୍ୟୁରୋ**



ହୀରାକୁଦ ଜଳଭଣ୍ଡାରରେ ଥିବା ଦ୍ୱୀପ ଗୁଡିକରେ ହଜାର ହଜାର ସଂଖ୍ୟକ ବିଦେଶାଗତ ପକ୍ଷୀ ଅଣ୍ଡାଦାନ ଆରମ୍ଭ କରିଛନ୍ତି। ଜଳଭଣ୍ଡାର ଭିତରେ ଥିବା ୨୬ ଗୋଟି ଛୋଟ ବଡ଼ ଦ୍ୱୀପରେ ଶୀତ ଦିନେ ଏଠାକୁ ଆସିଥିବା ପକ୍ଷୀ ଗୁଡିକ ଅଣ୍ଡା ଦାନ ଆରମ୍ଭ କରିଛନ୍ତି। ଏହି ଦ୍ୱୀପଗୁଡିକରେ ଅଣ୍ଡାଦାନ ପାଇଁ ଉପଯୁକ୍ତ ଓ ସୁରକ୍ଷିତ ପରିବେଶ ଥିବାରୁ ପକ୍ଷୀମାନେ ଏଠାରେ ଅଣ୍ଡା ଦାନ କରୁଥିବା ହୀରାକୁଦ ବନ୍ୟପ୍ରାଣୀ ଡ଼ିଏଫଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଏଥର ବିଗତ ବର୍ଷ ଅପେକ୍ଷା ଅଧିକ ସଂଖ୍ୟକ ପକ୍ଷୀ ଆସିଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରା ଯାଇଥିବା ଡିଏଫଓ ସୂଚନା ଦେଇଛନ୍ତି। ହୀରାକୁଦ ବନ୍ୟପ୍ରାଣୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ ଏନେଇ ସୂଚନା ଦେଇ କହିଛନ୍ତି, "ପୂର୍ବରୁ ମଧ୍ୟ ଏହି ପକ୍ଷୀମାନେ ଅଣ୍ଡାଦାନ କରୁଥିଲେ। ଚଳିତ ବର୍ଷ ଅଧିକ ସଂଖ୍ୟକ ଦ୍ୱୀପରେ ପକ୍ଷୀ ଅଣ୍ଡାଦାନ କରିଥିବା ଦେଖୁଛୁ। ସେହି ପକ୍ଷୀ ମାନେ ନିଜର ଶାବକମାନଙ୍କୁ ଯତ୍ନ ମଧ୍ୟ ନେଉଛନ୍ତି। ଏଠାରେ ୧୦୦୦ରୁ ଉର୍ଦ୍ଧ୍ୱ ଜଳ ପକ୍ଷୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବିଦେଶାଗତ ପକ୍ଷୀ, ସେମାନେ ଶୀତଋତୁରେ ହୀରାକୁଦକୁ ଆସି ରହି ଯାଇଛନ୍ତି। ସବୁ ବର୍ଷ ସେମାନେ ହୀରାକୁଦକୁ ଆସନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଦ୍ୱୀପରେ ରହି ଅଣ୍ଡାଦାନ କରିଥିବାର ଦେଖିଲୁ । ଏମାନଙ୍କ ସୁରକ୍ଷା ପାଇଁ ସବୁ ମତ୍ସ୍ୟଜୀବୀମାନଙ୍କୁ ସଚେତନ କରିଛୁ ସେମାନଙ୍କ ଠାରୁ ଯଥେଷ୍ଟ ସାହାଯ୍ୟ ସହଯୋଗ ମଧ୍ୟ ମିଳୁଛି। ଦ୍ୱୀପଗୁଡିକୁ ଯିବା ପାଇଁ ମତ୍ସ୍ୟଜୀବୀ, ପର୍ଯ୍ୟଟକ କି କୌଣସି ବ୍ୟକ୍ତିଙ୍କୁ ବାରଣ କରାଯାଇଛି। କାରଣ ଅଣ୍ଡା ଓ ପକ୍ଷୀ ଶାବକଗୁଡିକର ରଙ୍ଗ ପ୍ରାୟ ମାଟି ପଥର ସହ ମିଶି ଯାଉଛି, ସେଠାକୁ ଗଲେ ସେମାନଙ୍କ କ୍ଷତି ହୋଇପାରେ ସେଥିପାଇଁ ସେଠାକୁ କାହାରିକି ଯିବାକୁ ଦିଆଯାଉ ନାହିଁ। କାରଣ ଅଜାଣତରେ ମଧ୍ୟ ପଦ ପଡିଲେ ଅଣ୍ଡା ଓ ଛୁଆଙ୍କୁ କ୍ଷତି ପହଞ୍ଚି ପାରେ।'' ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ପକ୍ଷୀମାନେ ସବୁ ବିଦେଶାଗତ ଓ ସ୍ଥାନୀୟ ଅଞ୍ଚଳରୁ ଆସିଥିବା ପକ୍ଷୀ ଅଛନ୍ତି। ଏଠାରେ ବର୍ତ୍ତମାନ ୧୦ ପ୍ରଜାତିର ପକ୍ଷୀ ଅଣ୍ଡାଦାନ କରୁଛନ୍ତି ୨୬ଟି ଦ୍ୱୀପରେ। ଏଥିରୁ ଅଧିକାଂଶ ରିଭରଟନ ପକ୍ଷୀ ଅଛନ୍ତି । ସେମାନେ ବିଦେଶାଗତ ପକ୍ଷୀ ଅଟନ୍ତି। କିନ୍ତୁ ସେମାନେ ଏଠି ରହି ଗଲେଣି ଯାହା ଆମେ କିଛି ବର୍ଷ ହେଲା ଦେଖିବାକୁ ପାଉଛୁ। ଏହା ସହ ପ୍ଲଟିନକୋଲସ ପକ୍ଷୀ ମଧ୍ୟ ଅଛନ୍ତି। ଏଥିପାଇଁ ଆଗାମୀ ବର୍ଷ ମାନଙ୍କରେ କେତେ ଅଧିକ ସଂଖ୍ୟକ ପକ୍ଷୀ ଏଠି ଅଣ୍ଡାଦାନ କରିବେ ତା' ଉପରେ ଆମେ ଗୁରୁତ୍ୱ ଦେଉଛୁ। ସେଥିପାଇଁ ଆମେ ସମସ୍ତଙ୍କୁ ସାହାଯ୍ୟ ସହଯୋଗ ମାଗିଛୁ, ଯେମିତି ଏହି ୩ ଚାରି ମାସ ଆମେ ସେମାନଙ୍କୁ ଅଣ୍ଡାଦାନ ପାଇଁ ସୁଯୋଗ ଦେବା। ଦ୍ୱୀପ ଗୁଡିକରେ ରେଡ୍ ଫ୍ଲାଗ୍ ଲଗା ଯାଇଛି: "ଏହି ପକ୍ଷୀଗୁଡିକ ହୀରାକୁଦର ଦ୍ୱୀପମାନଙ୍କୁ ଅଣ୍ଡା ଦାନ ପାଇଁ ଚୟନ କରିବାର କାରଣ ହେଉଛି ଏଠାରେ ପକ୍ଷୀମାନଙ୍କୁ ଶିକାର କରିବା ପାଇଁ କେହି ପହଞ୍ଚି ପାରିବେ ନାହିଁ। ତେଣୁ ମଣିଷ, ବୁଲା କୁକୁର, ଗାଈ ଗୋରୁ ପହଞ୍ଚି ପାରୁନଥିବା ଜାଗା ହୋଇଥିବାରୁ ସେମାନେ ଏଠାରେ ଅଣ୍ଡାଦାନ କରୁଛନ୍ତି। ଏହା ସହ ଏଠାରେ ପକ୍ଷୀ ମାନଙ୍କ ଖାଦ୍ୟ ପାଇଁ ପର୍ଯ୍ୟାପ୍ତ ମାଛ ମଧ୍ୟ ଅଛନ୍ତି।

# ଏସ୍‌ସିବି ପରିସରରୁ ୪ ଦଲାଲ ଗିରଫ

**କଟକ ୧୦।୫ ନ୍ୟୁଜ ବ୍ୟୁରୋ**

କଟକ ଏସସିବି ମେଡ଼ିକାଲ ପରିସରରୁ ୪ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମଙ୍ଗଳାବାଗ ଥାନା ପୋଲିସ। ଦୁଇଟି ପୃଥକ୍ ପୃଥକ୍ ଘଟଣାରେ ଅଭିଯୋଗ ପାଇବା ପରେ ମଙ୍ଗଳାବାଗ ଥାନା ପୋଲିସ ଏସସିବି ଟ୍ରମା କାଜୁଆଲ୍ଟି ସମ୍ମୁଖରୁ ରୋଗୀ ମାନଙ୍କୁ ଘରୋଇ ହସ୍ପିଟାଲ ନେବା ପାଇଁ ପ୍ରବର୍ତ୍ତାଇବା ବେଳେ ସାଦା ପୋଷାକରେ ମାଡ଼ି ବସିଥିଲେ । ଗିରଫ ଚାରି ଜଣ ଦଲାଲ ହେଲେ ଦେବାଶିଷ ମହାନ୍ତି, କ୍ରୀଷ୍ଣା ବାହାଦୂର, ସୁଶାନ୍ତ ବାରିକ୍ ଓ ରାମ ନାଏକ। ଏମାନେ ବିଭିନ୍ନ ଘରୋଇ ହସ୍ପିଟାଲ କର୍ମଚାରୀ ପରିଚୟ ଦେଇ ରୋଗୀମାନଙ୍କୁ ନେଉଥିବା ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ଅଛି ତାହାର ତଦନ୍ତ କରାଯିବା। କେଉଁ ହସ୍ପିଟାଲକୁ ନେବାକୁ ଚେଷ୍ଟା କରୁଥିଲେ ସେହି ହସ୍ପିଟାଲଗୁଡ଼ିକୁ ମଧ୍ୟ ତଦନ୍ତ ପରିସର କରାଯିବ। ଏହାସହ ଯଦି କେହି ଦଲାଲ ଏହିଭଳି କାର୍ଯ୍ୟକଳାପ କରୁଥିବାର ନଜର ଆସନ୍ତି ତେବେ ପୋଲିସ ସହ ଯୋଗାଯୋଗ କରିବା ପାଇଁ କହିଛନ୍ତି ଜୋନ ୨ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ।

# ଭାରତ-ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହେଲେ ବିନାଶକାରୀ ହେବ ବିଶ୍ୱ : ଏଆଇର ଭବିଷ୍ୟବାଣୀ

**ନୂଆଦିଲ୍ଲୀ, ୧୦।୫**



ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଏକ ବଡ଼ ଆଲୋଚନା ସାମ୍ନାକୁ ଆସିଛି ଯେ, ଯଦି ଏହି ଦୁଇ ପରମାଣୁ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ କିଏ ଜିତିବ? ଏକ ସମ୍ପ୍ରତି ପ୍ରକାଶିତ ରିପୋର୍ଟ ଅନୁସାରେ, କୃତ୍ରିମ ବୁଦ୍ଧିମତା (ଏଆଇ) ଏହି ପ୍ରସଙ୍ଗରେ ଏକ ଆଶ୍ଚର୍ଯ୍ୟଜନକ ଭବିଷ୍ୟବାଣୀ କରିଛି, ଯାହା ସାରା ବିଶ୍ୱରେ ଆଲୋଚନାର ବିଷୟ ହୋଇଛି। ଗତ ଏପ୍ରିଲ ୨ରେ କଶ୍ମୀରର ପହଲଗାମରେ ଆତଙ୍କ-ବାଦୀ ଆକ୍ରମଣରେ ୨୬ ଜଣ ନିହତ ହୋଇଥିଲେ, ଯେଉଁଥିରେ ଅଧିକାଂଶ ଥିଲେ ପର୍ଯ୍ୟଟକ। ଭାରତ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରିଥିଲା, ଯଦିଓ ପାକିସ୍ତାନ ଏହାକୁ ଅସ୍ୱୀକାର କରିଛି। ଏହା ପରେ ଭାରତ ମଇ ୭ ତାରିଖରେ 'ଅପରେସନ ସିନ୍ଦୂର' ନାମକ ଏକ ଏୟାରଷ୍ଟ୍ରାଇକ୍ କରି ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଶିବିରକୁ ଟାର୍ଗେଟ କରିଥିଲା। ଏହାର ପ୍ରତିଶୋଧ ଭାବେ ପାକିସ୍ତାନ ମଇ ୭ ଓ ୮ ତାରିଖ ରାତିରେ ଭାରତର ୧୫ଟି ସହରରେ ଡ୍ରୋନ୍ ଓ ମିସାଇଲ ଆକ୍ରମଣ ଚେଷ୍ଟା କରିଥିଲା, ଯାହାକୁ ଭାରତୀୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବିଫଳ କରି ଦେଇଥିଲା। ଏହି ଘଟଣା ପରେ ଦୁଇ ଦେଶ ମଧ୍ୟରେ ସୀମାରେ ଗୁଳି ବିନିମୟ ଓ ଆକ୍ରମଣ ହୋଇଥିଲା। ପାକିସ୍ତାନର କରାଚୀ ଓ ଲାହୋରରେ ବିସ୍ଫୋରଣ ଶୁଣାଯାଇଥିଲା, ଯେଉଁଥିରେ ଭାରତୀୟ ନୌସେନାର ଆଇଏନଏସ ବିକ୍ରାନ୍ତ ଓ ଡେଷ୍ଟ୍ରୟାରଗୁଡ଼ିକ ଅରବ ସାଗରରେ ସକ୍ରିୟ ରହିଥିଲେ। ଏହା ସହିତ ଭାରତ ମଧ୍ୟ ଲାହୋରରେ ଏକ ଡ୍ରୋନ୍ ଆକ୍ରମଣ କରିଥିବା ଦାବି କରାଯାଇ ଥିଲା। ଏକ ରିପୋର୍ଟ ଅନୁସାରେ, ଏଆଇ ଆଧାରିତ ବିଶ୍ଳେଷଣ ଦର୍ଶାଇଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହେଲେ ଦୁଇ ଦେଶ ମଧ୍ୟରେ କୌଣସି ସ୍ପଷ୍ଟ ବିଜେତା ହେବ ନାହିଁ। ଏକ ଏଆଇ ଅଧ୍ୟୟନ ଅନୁଯାୟୀ, ଏହା ଦୁଇ ଦେଶ ପାଇଁ ବିନାଶକାରୀ ହେବ ଏବଂ ୫୦ରୁ ୧୨୫ ନିୟୁତ ଲୋକ ତୁରନ୍ତ ମୃତ୍ୟୁବରଣ କରିବେ। ଏହା ସହିତ, ପରମାଣୁ ଶୀତଳ ଯୁଗ (ନ୍ୟୁକ୍ଲିୟର ୱିଣ୍ଟର) ଯୋଗୁଁ ଖାଦ୍ୟ ସଙ୍କଟ ହେବ ଏବଂ ବିଶ୍ୱବ୍ୟାପୀ ୨୦୦ କୋଟି ଲୋକଙ୍କ ଜୀବନ ପ୍ରଭାବିତ ହେବ। ଏହି ବିଶ୍ଳେଷଣ ଅନୁସାରେ, ଭାରତର ପରମାଣୁ ଅସ୍ତ୍ର ସଂଖ୍ୟା (୧୭୨) ପାକିସ୍ତାନ (୧୭୦) ତୁଳନାରେ ସାମାନ୍ୟ ଅଧିକ, କିନ୍ତୁ ଏହା କୌଣସି ନିର୍ଣ୍ଣାୟକ ସୁବିଧା ଦେଇ ପାରିବ ନାହିଁ। ଅନେକ ଆକଳନ କରିଛନ୍ତି ଯେ ଭାରତ ପରମାଣୁ ଯୁଦ୍ଧରେ ବିଜୟୀ ହେବ, କିନ୍ତୁ ଏହା ଅଣ-ପରୀକ୍ଷିତ ମତ ମାତ୍ର। ଅନ୍ୟ କେତେକ ପୋଷ୍ଟରେ କୁହାଯାଇଛି ଯେ ପାକିସ୍ତାନ ପ୍ରଥମେ ପରମାଣୁ ଅସ୍ତ୍ର ବ୍ୟବହାର କରିପାରେ, କିନ୍ତୁ ଏହା ମଧ୍ୟ କୌଣସି ସଠିକ ପ୍ରମାଣ ଉପରେ ଆଧାରିତ ନୁହେଁ। ବିଶେଷଜ୍ଞମାନେ କହୁଛନ୍ତି ଯେ ପରମାଣୁ ଯୁଦ୍ଧ କେବଳ ଭାରତ ଓ ପାକିସ୍ତାନ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଏକ ବିପର୍ଯ୍ୟୟ ହେବ। ଏହା ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ଅଭାବ ଓ ମାନବୀୟ ସଙ୍କଟ ସୃଷ୍ଟି କରିବ। ତେଣୁ ଦୁଇ ଦେଶର ନେତାମାନଙ୍କୁ କୂଟନୈତିକ ମାଧ୍ୟମରେ ଏହି ସଙ୍କଟର ସମାଧାନ କରିବାକୁ ପରାମର୍ଶ ଦିଆଯାଉଛି। ଏହି ସମୟରେ ଭାରତ ଓ ପାକିସ୍ତାନର ଜନସାଧାରଣଙ୍କୁ ଶାନ୍ତି ଓ ସଂଯମ ବଜାୟ ରଖିବାକୁ ଅନୁରୋଧ କରାଯାଇଛି।